

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





## ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ : ଭାରତ ଆସିପାରନ୍ତି ପୁଟିନ୍ ଓ ଜିନ୍‌ପିଙ୍ଗ୍



ନୂଆଦିଲ୍ଲୀ,୩୦/୭: ନୂଆଦିଲ୍ଲୀ ଠାରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଆୟୋଜନ କରୁଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗଦେବାର ସମ୍ଭାବନା ରହିଛି। ପଶ୍ଚିମ ଏସିଆ ବିବାଦକୁ ନେଇ ଇରାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ସମୟରେ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ସୂତ୍ର ଅନୁଯାୟୀ, ତିନି ନେତାଙ୍କ ଉପସ୍ଥିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ପୃଥକ ଦ୍ୱିପାକ୍ଷିକ ବୈଠକ ପାଇଁ ଦ୍ୱାର ଖୋଲିପାରେ। ଯଦି ଜିନ୍‌ପିଙ୍ଗ୍ ଭାରତ ଆସନ୍ତି, ତେବେ ଏହା ଅକ୍ଟୋବର ୨୦୧୯ ପରେ ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଜିନ୍‌ପିଙ୍ଗ୍ ୬ ବର୍ଷ ତଳେ ତାମିଲନାଡୁର ମାମଲ୍ଲାପୁରମରେ ମୋଦୀଙ୍କୁ ଭେଟିଥିଲେ। କିନ୍ତୁ ଏହାପରେ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଲଦାଖ ସେକ୍ଟରରେ ଚୀନ୍ ସୈନ୍ୟଙ୍କ ଅନୁପ୍ରବେଶ ପରେ କିଛି ମାସ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତୀବ୍ର ଭାବରେ ବିଗିଡ଼ି ଯାଇଥିଲା। ପରବର୍ତ୍ତୀ ସମୟରେ ମୋଦୀ ଓ ଜିନ୍‌ପିଙ୍ଗ ଅକ୍ଟୋବର ୨୦୨୪ରେ ରୁଷିଆର କାଜାନଠାରେ ପରସ୍ପରକୁ ଭେଟିଥିଲେ ଓ ଏଲ୍ ?ଏସିଠାରେ ଲାଗି ରହିଥିବା ବିବାଦର ସମାଧାନ କରିଥିଲେ। ଗତ ଅଗଷ୍ଟରେ ତିଆନଜିନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ସେମାନଙ୍କର ସାମ୍ପ୍ରତିକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଭାରତ ୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଛି। ଏହି ବୈଠକରେ ଇରାନ ଓ ୟୁଏଇ ମଧ୍ୟରେ ମତଭେଦ ଆଲୋଚନାକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ଜାନୁଆରି ୨୦୨୪ ରେ ବ୍ରିକ୍ସର ସମ୍ପ୍ରସାରଣ ପରେ ଇରାନ ଓ ୟୁଏଇ ଏଥିରେ ସାମିଲ ହୋଇଥିଲେ। ପେଜେସ୍କିୟାନଙ୍କ ଅଂଶଗ୍ରହଣ ତେହେରାନକୁ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଭାରତୀୟ ନେତୃତ୍ୱଙ୍କୁ ଅବଗତ କରାଇବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ପେଜେସ୍କିୟାନଙ୍କ ଅଂଶଗ୍ରହଣ ତେହେରାନକୁ ପଶ୍ଚିମ ଏସିଆର ପରିସ୍ଥିତି ବିଷୟରେ ଭାରତୀୟ ନେତୃତ୍ୱଙ୍କୁ ଅବଗତ କରାଇବା ଓ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ସୂତ୍ର ଅନୁଯାୟୀ, ୟୁଏଇ ବ୍ୟତୀତ ସମସ୍ତ ବ୍ରିକ୍ସ ସଦସ୍ୟ ପାଲେଷ୍ଟାଇନ ପ୍ରସଙ୍ଗ ଓ ଦୁଇ-ରାଷ୍ଟ୍ର ସମାଧାନ ଉପରେ ସରକାରୀ ଦଲିଲରେ ବ୍ୟବହୃତ ଭାଷାକୁ ଦୁର୍ବଳ କରିବାକୁ ବିରୋଧ କରିଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ନେଇ ବ୍ରିକ୍ସ ଦେଶମାନଙ୍କ ବୈଠକ ପ୍ରଭାବିତ ହୋଇଛି। ମେ ମାସରେ ଅନୁଷ୍ଠିତ ବିଦେଶ ମନ୍ତ୍ରୀଙ୍କ ବୈଠକ ସମେତ ଅନେକ ବୈଠକ ବିନା କୌଣସି ନିଷ୍କର୍ଷରେ ଶେଷ ହୋଇଥିଲା। ବ୍ରିକ୍ସ ନେତାମାନଙ୍କ ବ୍ୟତୀତ ଭାରତ ଅନେକ ଅଣ-ସଦସ୍ୟ ଦେଶର ସରକାର ମୁଖ୍ୟଙ୍କୁ ନିମନ୍ତ୍ରଣ କରିଛି। ସେମାନଙ୍କ ମଧ୍ୟରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ଅଛନ୍ତି, ଯିଏକି ବିମଷ୍ଟେକର ବର୍ତ୍ତମାନର ଅଧ୍ୟକ୍ଷ ଦେଶ ଭାବ ନିମନ୍ତ୍ରିତ ହୋଇଛନ୍ତି।

## ୟୁକ୍ରେନୀୟ ଏଫ୍-୧୬ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ : ସୁରକ୍ଷିତ ଭାବେ ବାହାରିଲେ ପାଇଲଟ୍



ନୂଆଦିଲ୍ଲୀ,୩୦/୭: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରୁ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ୟୁକ୍ରେନୀୟ ବାୟୁସେନା ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି ଯେ ଏହାର ଏକ ଏଫ୍-୧୬ ଯୁଦ୍ଧ ବିମାନ ଏକ ମିଶନ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୌଭାଗ୍ୟବଶତଃ, ବିମାନରେ ଥିବା ପାଇଲଟ୍ ସମୟୋଚିତ ଉପସ୍ଥିତ ବୁଦ୍ଧି ଖଟାଇ ବାହାରକୁ ବାହାରି ଆସିଥିଲେ । ତାଙ୍କ ଜୀବନ ବଞ୍ଚିଯାଇଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଯୁଦ୍ଧ ବିମାନଟି ରୁଷର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌କୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଡ଼ାଣ ମଧ୍ୟରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା, ଯାହା ଫଳରେ ପାଇଲଟ ବେସ୍ ସହିତ ଯୋଗାଯୋଗ ହରାଇ ବସିଥିଲେ । ସେ କୌଣସି ଉପାୟ ନପାଇ ବିମାନରୁ ବାହାରି ଆସିଥିଲେ । ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉଦ୍ଧାରକାରୀ ଦଳ ପାଇଲଟଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ । ବାୟୁସେନାର ଏକ ବିବୃତି ଅନୁଯାୟୀ, ପାଇଲଟ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି ଏବଂ ତାଙ୍କୁ ଡାକ୍ତରୀ ପରୀକ୍ଷା ତଥା ଆବଶ୍ୟକୀୟ ପରୀକ୍ଷା ପାଇଁ ଏକ ମେଡିକାଲକୁ ନିଆଯାଇଛି । ସେଠାରେ ବିଶେଷଜ୍ଞମାନେ ତାଙ୍କ ଅବସ୍ଥା ଉପରେ ନଜର ରଖିଛନ୍ତି । ଦୁର୍ଘଟଣାସ୍ଥଳରେ ବିଶେଷଜ୍ଞ ଏବଂ ଆଇନ ପ୍ରବର୍ତ୍ତନ ଅଧିକାରୀଙ୍କ ଏକ ଦଳ ନିୟୋଜିତ ଅଛନ୍ତି। ସୌଭାଗ୍ୟବଶତଃ କେହି ମୃତାହତ କିମ୍ବା ସାଧାରଣ ନାଗରିକ ସମ୍ପତିର କ୍ଷତି ହୋଇଥିବାର କୌଣସି ରିପୋର୍ଟ ମିଳିନାହିଁ । ଦୁର୍ଘଟଣାଟି କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନା ଅନ୍ୟ କୌଣସି କାରଣରୁ ଘଟିଛି ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଦଳ ପ୍ରତ୍ୟେକ ଦିଗକୁ ଯାଂଚ କରୁଛନ୍ତି ।

## ଧର୍ମେନ୍ଦ୍ରଙ୍କ ଇସ୍ତଫା ଆରମ୍ଭ ମାତ୍ର : ଜୟରାମ ରମେଶ



ନୂଆଦିଲ୍ଲୀ,୩୦/୭: ଭାରତର ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ଓ ଦୁର୍ନୀତିର ଚେର ଅତ୍ୟନ୍ତ ଗଭୀର ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଏହାର ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଆରମ୍ଭ ମାତ୍ର ବୋଲି ଗୁରୁବାର କଂଗ୍ରେସ କହିଛି। ମହାରାଷ୍ଟ୍ରର ପ୍ରମୁଖ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ପାଇଁ ଆୟୋଜିତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହେରଫେର୍ ଅଭିଯୋଗ ସାମ୍ନାକୁ ଆସିବା ପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ ''ଏକ୍ସ'' ରେ ଏହି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ ତିନି ବର୍ଷ ହେଲା ମହାରାଷ୍ଟ୍ର କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ ଫଳାଫଳ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ମାର୍କ ମଧ୍ୟରେ ବଡ଼ ତାରତମ୍ୟ ଦେଖିବାକୁ ମିଳୁଛି। ଏଣ୍ଟ୍ରାନ୍ସରେ ଟପର୍ ହେଉଥିବା ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। ଏହା କୌଣସି ଜାଲିଆତି କିମ୍ବା କୋଚିଂ ସେଣ୍ଟରଗୁଡ଼ିକର ଅତ୍ୟଧିକ ପ୍ରଭାବ ଯୋଗୁଁ ହେଉଛି କି ନାହିଁ, ସେ ନେଇ ଗମ୍ଭୀର ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି। ସେ ଆହୁରି କହିଛନ୍ତି ଯେ, କେବଳ ପେପର ଲିକ୍ ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ ନିମନ୍ତେ ଆଇନ ପାସ୍ କରିଦେଲେ ସମସ୍ୟାର ସମାଧାନ ହେବନାହିଁ। ଏହା ଗତ କିଛି ମାସ ହେବ ଆନ୍ଦୋଳନ କରୁଥିବା ଲକ୍ଷ ଲକ୍ଷ ଅସନ୍ତୁଷ୍ଟ ଯୁବପିଢ଼ିଙ୍କ ଭାବନା ପ୍ରତି ଏକ କଠୋରାଘାତ ସଦୃଶ।

## ରେଙ୍ଗାଲି ଡ୍ୟାମରୁ ନିଷ୍କାସନ ହେଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

ଅନୁଗୁଳ,୩୦/୭(ନି/ପ୍ର): ଅନୁଗୁଳ ରେଙ୍ଗାଲି ଜଳଭଣ୍ଡାରରୁ ଖୋଲା ଗଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ। ଉପର ମୁଣ୍ଡରେ ବର୍ଷା ଯୋଗୁଁ ଜଳ ସ୍ତର ବଢିଛି। ଫଳରେ ଜଳଭଣ୍ଡାରର ଗୋଟିଏ ଗେଟ ଖୋଲା ଯାଇ ବର୍ଷା ଜଳ ନିଷ୍କାସନ କରାଯାଇଛି। ରେଙ୍ଗାଲି ଜଳଭଣ୍ଡାରର ବର୍ତ୍ତମାନ ଜଳ ସ୍ତର ୧୨୨.୨୪ ମିଟର ରହିଛି। ଜଳ ଭଣ୍ଡାରର କ୍ଷମତା ୧୨୩.୫୦ମିଟର। ଜଳ ଭଣ୍ଡାରକୁ ୨୭୩୫ ଘନମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରୁଥିବା ବେଳେ ଗୋଟିଏ ଗେଟ ଦେଇ ୧୩୯୪.୨୪ ଘନ ମିଟର ଏବଂ ପାୱାର ଟନେଲ ଦେଇ ୫୦୧ ଘନମିଟର ଜଳ ନିଷ୍କାସନ ହେଉଛି। ଫଳରେ ତଳ ମୁଣ୍ଡରେ ଥିବା ଅନୁଗୋଳ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲ୍ଲାକୁ ସତର୍କ କରାଇ ଦିଆଯାଇଛି। ଅପର ପାଖରେ ବ୍ରାହ୍ମଣୀ ନଦୀ କୁଳିଆ ଲୋକଙ୍କୁ ଏବଂ ଗୃହପାଳିତ ପଶୁଙ୍କୁ ନଦୀ କୂଳକୁ ନନେବା ପାଇଁ ସତର୍କ କରାଇଛି ।ଆବଶ୍ୟକ ପଡ଼ିଲେ ଅଧିକା ଗେଟ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ଡ୍ୟାମ କର୍ତ୍ତୃପକ୍ଷ।

## ଜାପାନ ଭୂମିକମ୍ପରେ ୨୮ ମୃତ

ଟୋକିଓ,୩୦/୭: ଦକ୍ଷିଣ ଜାପାନର କୁମାମୋଟୋରେ ହୋଇଥିବା ଭୂମିକମ୍ପରେ ୨୮ଜଣଙ୍କର ମୃତ୍ୟୁ ହୋଇଛି। ବୁଧବାର ୭.୧ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପରେ ଏକ ସପିଙ୍ଗ୍ ମଲ୍ ଓ କେତେକ ଘର ଭାଙ୍ଗିରୁଜି ଯାଇଥିଲା। ଉଦ୍ଧାର କାର୍ଯ୍ୟ ପରେ ୨୮ଟି ମୃତଦେହ ଉଦ୍ଧାର କରାଯାଇଛି। ଭୂମିକମ୍ପରେ ୬୨ଜଣ ଆହତ ହୋଇଛନ୍ତି।



## ବନ୍ୟା ସ୍ଥିତି ପରଖିଲେ ରାଜସ୍ୱ ମନ୍ତ୍ରୀ

### ବାଲେଶ୍ୱର-ଭଦ୍ରକ-ଯାଜପୁର ଯିବ ଉଚ୍ଚସ୍ତରୀୟ ଟିମ୍



ଭୁବନେଶ୍ୱର,୩୦/୭(ନି/ପ୍ର): ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ସ୍ଥିତିକୁ ନେଇ ଆରମ୍ଭ ହୋଇଛି ଉଚ୍ଚସ୍ତରୀୟ ସମୀକ୍ଷା । କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ ପାଇଁ ଗ୍ରାଉଣ୍ଡକୁ ଯିବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ବନ୍ୟା ପ୍ରଭାବିତ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରିବ ଏକ ଉଚ୍ଚସ୍ତରୀୟ ଟିମ୍ । ଏହି ଟିମ୍‌ରେ ରହିବେ ରାଜସ୍ୱ ମନ୍ତ୍ରୀଙ୍କ ସହ ରାଜସ୍ୱ ସଚିବ ଓ ସ୍ପେଶାଲ ରିଲିଫ କମିସନର (ଏସଆରସି)। ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି, ଲୋକଙ୍କ ସମସ୍ୟା ଓ ରିଲିଫ୍ ବ୍ୟବସ୍ଥାର ସ୍ଥିତିକୁ ନେଇ ଅଧିକାରୀମାନେ ସିଧାସଳଖ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରିବେ। ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବା ସହ ଆବଶ୍ୟକ ସହାୟତା ଓ ପୁନର୍ବାସ ବ୍ୟବସ୍ଥା ଉପରେ ମଧ୍ୟ ନଜର ରଖାଯିବ । ବର୍ତ୍ତମାନ ବନ୍ୟା ସ୍ଥିତିରେ ପ୍ରଶାସନର ପ୍ରସ୍ତୁତି ଓ କ୍ଷୟକ୍ଷତିର ଆକଳନ ନେଇ ଏହି ଗସ୍ତକୁ ଗୁରୁତ୍ୱ ଦିଆଯାଉଛି। ଗ୍ରାଉଣ୍ଡ ରିପୋର୍ଟ ଆଧାରରେ ଆଗାମୀ ପଦକ୍ଷେପ ନିଆଯିବ । ଜିଲ୍ଲାପାଳଙ୍କ ସହ ବନ୍ୟା ସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା । ଆରମ୍ଭ ହେଲା ବୈଠକ । ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରୁଛନ୍ତି ରାଜସ୍ୱ ମନ୍ତ୍ରୀ,ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନର। ବନ୍ୟା ସ୍ଥିତି ଓ କ୍ଷୟକ୍ଷତି ନେଇ ଅପଡେଟ ଦେଉଛନ୍ତି ଜିଲ୍ଲାପାଳ । ଆଗାମୀ ତିନିଦିନ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା ନାହିଁ । ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକଙ୍କ ସୂଚନା ରହିଛି ।

## ଫୁଲୁଛି ମହାନଦୀ : ବାଙ୍କୀ ହୁଲୁହୁଲା ପୋଲ ଉପରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ



କଟକ,୩୦/୭(ନି/ପ୍ର) : ରାଜ୍ୟରେ ଲଗାଣ ବର୍ଷା । ହୀରାକୁଦ ଗେଟ ଖୋଲିବା ପରେ ମୁଣ୍ଡଳୀ ନିକଟରେ ମହାନଦୀ ଜଳସ୍ତର ବୃଦ୍ଧି ପାଉଛି । ନରାଜ ବ୍ୟାରେଜ ଦେଇ ସକାଳ ୬ଟା ସୁଦ୍ଧା ସେକେଣ୍ଡ ପ୍ରତି ୪ ଲକ୍ଷ୍ୟ ୨୮ ହଜାର ୭୭୮ ଘନଫୁଟ ଜଳ ପ୍ରବାହିତ ହେଉଛି । ବ୍ୟାରେଜର ଅପ୍ ଷ୍ଟ୍ରିମରେ ଜଳସ୍ତର ୨୬.୨୫ ମିଟର ରହିଥିବା ବେଳେ ଡାଉନ୍ ଷ୍ଟ୍ରିମରେ ଜଳସ୍ତର ୨୩.୧୦ ମିଟର ରହିଛି । ଏଠାରେ ଅପ୍ ଷ୍ଟ୍ରିମରେ ବିପଦ ସଙ୍କେତ ରହିଛି ୨୬.୪୧ ମିଟର । ସେପଟେ ବରମୁଳରେ ପ୍ରତି ସେକେଣ୍ଡରେ ୬ ଲକ୍ଷ୍ୟ ୫୨ ହଜାର ଓ ଖଇରମାଳରେ ୮ ଲକ୍ଷ୍ୟ ୩୦ ହଜାର କ୍ୟୁସେକ ବନ୍ୟାଜଳ ମହାନଦୀରେ ପ୍ରବାହିତ ହେଉଛି । ଏହି ପାଣି ମୁଣ୍ଡଳୀ ଠାରେ ଦିନ ପ୍ରାୟ ୧ଟା ରୁ ୨ଟାରେ ପହଞ୍ଚିବ । ସେହି ସମୟରେ ମୁଣ୍ଡଳୀରେ ପ୍ରତି ସେକେଣ୍ଡରେ ପ୍ରାୟ ୯ ଲକ୍ଷ୍ୟ ଘନଫୁଟ ବନ୍ୟା ଜଳ ପ୍ରବାହିତ ହେବ ବୋଲି ଅନୁମାନ କରା ଯାଉଛି । କଟକ ଜିଲ୍ଲା ବଡମ୍ବା ଗଡର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଗମ୍ଭୀରା ଭିତରେ ପଶିଲା ମହାନଦୀର ବନ୍ୟା ଜଳ । ମନ୍ଦିର ନିକଟରେ ଥିବା ରତ୍ନଗିରି ପର୍ବତକୁ ମା'ଙ୍କର ଚଳନ୍ତି ପ୍ରତିମା କୁ ସ୍ଥାନାନ୍ତର କରାଯାଇଛି । ସେଠାରେ ମା'ଙ୍କ ଅସ୍ଥାୟୀ ଗମ୍ଭୀରା ରହିଛି । ସେବାୟତ ଏହାକୁ ସ୍ଥାନାନ୍ତର କରିଛନ୍ତି । ଅସ୍ଥାୟୀ ଗମ୍ଭୀରାରେ ମା'ଙ୍କର ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ସମାପନ ହେବ । ମା'ଙ୍କର ପୂଜା ରୀତିରେ ଯେମିତି କୌଣସି ବ୍ୟାଘାତ ନ ଘଟେ ସେଥିପ୍ରତି ବଡମ୍ବା ଦେବୋତ୍ତର ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରା ଯାଇଛି । ମହାନଦୀରେ ଏବେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ବାଙ୍କୀର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି । ଦୁଇଦିନ ପୂର୍ବରୁ ମହାନଦୀର ଶାଖାନଦୀ ରଣ ନଦୀରେ ଜଳସ୍ତର ବୃଦ୍ଧି ହେବାରୁ, ତାଳବସ୍ତ-ବିଲିପଡା ରାସ୍ତାରେ ୩ ଫୁଟ ରୁ ଅଧିକ ପାଣି ପ୍ରବାହିତ ହୋଇ ଯାତାୟାତ ଠପ୍ ହୋଇଥିଲା । ଗତକାଲି ରାତିରେ ବାଙ୍କୀ ବ୍ଲକ୍ ର ହୁଲୁହୁଲା ପୋଲ ଉପରେ ୨ଫୁଟ ପାଣି ପ୍ରବାହିତ ହୋଇଥିଲା । ଏହାଦ୍ୱାରା ବାଙ୍କୀ ବିନ୍ଧାଣୀମା ମୁଖ୍ୟ ରାସ୍ତା ବୁଡ଼ି ଯାତାୟାତ ମଧ୍ୟ ବନ୍ଦ ହୋଇ ଥିଲା । ହୁଲୁହୁଲାରେ ବନ୍ୟା ପାଣି ଆଜି ସକାଳୁ ୫ ଫୁଟରୁ ଅଧିକ ପ୍ରବାହିତ ହେଉଛି । ଯେଉଥିପାଇଁ ଉକ୍ତର ବାଙ୍କୀର ତିନି ପଚାଂଯତ ବାଙ୍କୀରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଯାଇଛି । ସେହିପରି ପଥପୁର ପଚାଂୟତର ଦୁଇ ଗାଁ କଇଁମୁଣ୍ଡି ଓ ଚାରିଘରିଆ ଏବେ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି ।

## ପାକିସ୍ତାନ ଦ୍ୱାରା ଇରାନକୁ ୪୦୦ ରକେଟ୍ ଲଞ୍ଚର ପଠାଇଥିଲା ଚୀନ୍: ଡୋନାଲ୍ଡ ଟ୍ରମ୍ପ



ୱାସିଂଟନ,୩୦/୭: ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ଆରମ୍ଭ ହୋଇଛି। ଇରାନ ଏବଂ ଆମେରିକା ପରସ୍ପରର ଘାଟି ଉପରେ ଲଗାତାର ଆକ୍ରମଣ କରୁଛନ୍ତି। ତେବେ ଏକ ରିପୋର୍ଟ ସାମ୍ନାକୁ ଆସିଛି ଯାହା ବିଶ୍ୱକୁ ଚକିତ କରିଦେଇଛି। ଦାବି କରାଯାଉଛି ଯେ, ଚୀନ୍ ଏହି ଯୁଦ୍ଧରେ ଇରାନକୁ ସହାୟତା କରୁଛି। ରିପୋର୍ଟ ଅନୁଯାୟୀ, ଚୀନ୍ ପାକିସ୍ତାନ ଦ୍ୱାରା ଇରାନକୁ ୪୦୦ ରକେଟ୍‌ଲଞ୍ଚର ଯୋଗାଇଛି। ଏହିଦାବି ପରେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆହୁରି ବଢ଼ିବାର ଆଶଙ୍କା ରହିଛି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ରିପୋର୍ଟ ଉପରେ ଏକ ବିବୃତି ଜାରି କରିଛନ୍ତି। ସେ କହିଛନ୍ତି ଯେ,ଯଦି ଏପରି ହୋଇଥାଏ ତେବେ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ ଖବର ହେବ ।ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମୋତେ କହିଥିଲେ ଯେ, ସେ ଏଥିରେ ସାମିଲ ହେବେ ନାହିଁ। କିନ୍ତୁ ସେ ଜାଣିଛନ୍ତି ଯେ ଯଦି ଏଭଳି ହୋଇଥାଏ ତେବେ ମୁଁ ବହୁତ ନିରାଶ ହେବି। ଟ୍ରମ୍ପ କୃତ୍ରିମ ବୁଦ୍ଧିମତା(ଏଆଇ) ଦୌଡ଼ ପ୍ରସଙ୍ଗରେ ଚୀନ୍‌କୁ ଟାର୍ଗେଟ କରି କହିଛନ୍ତି, ଆମେ ଏକ୍ଷେତ୍ରରେ ଚୀନ ?ଠାରୁ ବହୁ ଆଗରେ। ଚୀନ୍‌ରେ ଏହା ଉପରେ ପ୍ରାୟ କୌଣସି ନିୟନ୍ତ୍ରଣ ନାହିଁ। ସେଠାରେ କୌଣସି ବାଧା ବିନା କାମ ଚାଲିଛି। ତେଣୁ, ଆମକୁ ଉଭୟ ପାର୍ଶ୍ୱରେ ସତର୍କ ରହିବାକୁ ପଡିବ। ଆମେ ସେମାନଙ୍କ ଉପରେ ଏପରି ପ୍ରତିବନ୍ଧକ ଲଗାଇବାକୁ ଚାହୁଁନାହୁଁ ଯାହା ଦ୍ୱାରା ହଠାତ୍ ଚୀନ୍ ପଛରେ ପଡ଼ିଯିବ। ଯିଏ ଏଆଇ ଦୌଡ଼ ଜିତିବ ସେ ହିଁ ବିଜୟୀ ହେବ। ଏହି ପ୍ରସଙ୍ଗ ବହୁ ଗୁରୁତ୍ୱପୂର୍ଣ୍ଣ। ମୁଁ ସେମାନଙ୍କୁ ମହାନ କାମ କରିବାରୁ ରୋକିବାକୁ ଚାହୁଁନାହିଁ।

## ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୭୮ରେ ପହଞ୍ଚିଲା

ଗୁଆହାଟୀ,୩୦/୭: ଆସାମରେ ପ୍ରଳୟଙ୍କାରୀ ବନ୍ୟା ଆସି ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ବୁଧବାର ସୁଦ୍ଧା ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୭୮ରେ ପହଞ୍ଚିଛି। ଶିବସାଗର ଓ ଗୋଲାଘାଟ ଜିଲ୍ଲାରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଛି। ସରକାରୀ ବୁଲେଟିନ ଅନୁଯାୟୀ, ଶିବସାଗରରେ ଦୁଇ ଜଣଙ୍କର ମୃତ୍ୟୁ ଓ ଗୋଲାଘାଟରେ ଜଣଙ୍କର ମୃତ୍ୟୁ ହୋଇଛି। ସାତଟି ଜିଲ୍ଲାରେ ୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ସାତଟି ବନ୍ୟା ପ୍ରଭାବିତ ଜିଲ୍ଲା - ଶିବସାଗର, ଚରାଇଦେଓ, ଗୋଲାଘାଟ, ଜୋରହାଟ, ନାଗାଓଁ, ବିଶ୍ୱନାଥ ଓ କାମରୂପ ମେଟ୍ରୋପଲିଟାନ୍‌ରେ ୩,୦୦,୦୩୧ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୨୧ଟି ରାଜସ୍ୱ ସର୍କଲ ଓ ୫୫୧ଟି ଗ୍ରାମକୁ ବନ୍ୟା ଜଳ ପ୍ରଭାବିତ କରୁଛି। ୨୧,୫୨୩.୦୮ ହେକ୍ଟର ଫସଲ ଅଞ୍ଚଳ ବୁଡ଼ି ରହିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରେ ଚରାଇଦେଓ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଚରାଇଦେଓରେ ୧,୩୭,୫୬୧ ଜଣ, ଶିବସାଗର ୮୪,୬୦୦ ଲୋକ ଓ ଜୋରହାଟରେ ୪୯,୯୧୧ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ଛଅଟି ଜିଲ୍ଲାରେ ପ୍ରଭାବିତ ଲୋକଙ୍କ ସଂଖ୍ୟା ୩.୩୨ ଲକ୍ଷ ଥିଲା, ଯାହା ସାମଗ୍ରିକ ବନ୍ୟା ପରିସ୍ଥିତିରେ ସାମାନ୍ୟ ଉନ୍ନତି ସୂଚାଉଛି।



## 'ଏବେ ଆମର ପାଳି' :

### ଟ୍ରମ୍ପଙ୍କ ଧମକ ପରେ ଜୋର୍ଡାନ ଆକ୍ରମଣର ପ୍ରତିଶୋଧ ନେଲା ଆମେରିକା



ୱାସିଂଟନ/ତେହେରାନ,୩୦/୭: ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ ହୋଇଉଠିଛି। ଭାରତୀୟ ସମୟ ଗୁରୁବାର ଭୋର୍ ସାଢ଼େ ୫ଟାରେ ଆମେରିକା ସେନା ଇରାନ ଉପରେ ବିମାନ ଆକ୍ରମଣ କରିଛି। ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣର ଗୋଟିଏ ଦିନ ପରେ ଏହି ଆକ୍ରମଣ କରାଯାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ବୈଠକ କରିବାର କିଛି ଘଣ୍ଟା ପରେ ଏଭଳି ହୋଇଛି। ଜୋର୍ଡାନରେ ଆକ୍ରମଣ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ବଡ଼ଧରଣର ଆକ୍ରମଣ ହେବ ବୋଲି ଚେତାବନୀ ଦେଇଥିଲେ। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛି, ଇରାନ ଉପରେ ଆକ୍ରମଣ ବୁଧବାର ସ୍ଥାନୀୟ ସମୟ ରାତି ୮ଟାରେ ଆରମ୍ଭ କରାଯାଇଥିଲା। ଇରାନର ସରକାରୀ ଗଣମାଧ୍ୟମ ପ୍ରେସ୍ ଟିଭି ରିପୋର୍ଟ କରିଛି ଯେ ଆମେରିକା ଆକ୍ରମଣ ପରେ ଦେଶର ଦକ୍ଷିଣ ଅଞ୍ଚଳରେ ବିସ୍ଫୋରଣ ଶୁଣାଯାଇଛି। ରାଷ୍ଟ୍ରାୟନ୍ତ ପ୍ରସାରକ ଆଇଆରଆଇବି କହିଛି, ବନ୍ଦର ଆବାସ ଏବଂ ଆବୁ ମୁସା, କିଶ୍ ଏବଂ କ୍ୱେଶମ୍ ଦ୍ୱୀପରେ ମଧ୍ୟ ବିସ୍ଫୋରଣ ଘଟିଛି। ହର୍ମୁଜ୍ ଅଞ୍ଚଳରେ ଅବସ୍ଥିତ କ୍ୱେଶମ୍ ଦ୍ୱୀପରେ ତିନୋଟି ବିସ୍ଫୋରଣ ଶୁଣାଯାଇଛି। ଦ୍ୱୀପର ଏକ ଆବାସିକ କୋଠା ଉପରେ ଆକ୍ରମଣ ପରେ ଦୁଇ ଜଣ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିଲେ। ବୁଧବାର ଦିନ ଓଭାଲ ଅଫିସରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଥିଲେ ଯେ,ଏବେ ଆମର ପାଳି। ଆମେ ସେମାନଙ୍କ ଉପରେ ବଡ଼ ଧରଣର ଆକ୍ରମଣ କରିବୁ। ମଙ୍ଗଳବାର ଦିନ ଜୋର୍ଡାନରେ ଏକ ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଥିଲା।



## କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ:

## ୯.୧୫ରେ ପତାକା ଉତୋଳନ




କେନ୍ଦୁଝର,୩୦/୭(ନି/ପ୍ର):ଆଗାମୀ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ ଠାରେ ଠାରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ନିଷ୍ପତି ଅନୁଯାୟୀ ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଉତ୍ସବ ଅବସରରେ ଉକ୍ତ ଦିନ ପ୍ରତ୍ୟୁଷରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ । ବିଭିନ୍ନ ଅନୁଷ୍ଠାନ ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ସକାଳ ୭:୦୦ ରୁ ୭:୩୦ ମଧ୍ୟରେ ଜାତୀୟ ପତାକା ଉତୋଳନ କରାଯିବ । ଏହାପରେ ସକାଳ ୯:୧୫ ମିନିଟ୍‌ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ । ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହିତ ସେହିଦିନ ସନ୍ଧ୍ୟାରେ କେନ୍ଦୁଝର ଅଡିଟରୀୟମ ହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ସ୍ଥିର କରାଯାଇଛି । ପ୍ରଶାସନିକ କ୍ଷେତ୍ରରେ ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ,ଆର.ଆଇ ପ୍ରଦୀପକୁମାର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ,ବୁଦ୍ଧିଜୀବୀ,ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ବୈଠକକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାୟ ପରିଚାଳନା କରିଥିଲେ ଏବଂ ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝରରେ ବର୍ଷା ବିପ୍ଳାତ



କେନ୍ଦୁଝର,୩୦/୭(ନି/ପ୍ର):ଆଜି ସକାଳୁ କେନ୍ଦୁଝର ଜିଲ୍ଲାର ସମସ୍ତ ସ୍ଥାନରେ ପ୍ରବଳ ବର୍ଷା ହୋଇ ଅନେକ ସ୍ଥାନ କୁ ଗମନାଗମନ ବାଧାପ୍ରାପ୍ତ ହୋଇଛି, ଅନେକ ସ୍ଥାନ ରେ ରାସ୍ତା ଧୋଇ ହୋଇଯାଇଛି ସ୍ଥାନେ ସ୍ଥାନେ ଗଛ ଉପୁଡି ପଡିଛି, ଅପରାହ୍ନ ଚାରିଟା ସୁଦ୍ଧା କେନ୍ଦୁଝର ସଦର ବ୍ଲକ ରେ ୧୧୨. ୦, ବାଂଶପାଳ ରେ ୧୨୭. ୦, ତେଲକୋଇ ରେ ୧୭୬. ୮, ପାଟଣାରେ ୧୦୬. ୮, ସାହାରପଡ଼ା ୫୦. ୪, ଘଟଗାଁ ରେ ୧୩୯. ୦, ହରିଚନ୍ଦନପୁର ରେ ୧୪୨. ୪, ଆନନ୍ଦପୁର ରେ ୨୯. ୩, ଘସିପୁରା ରେ ୩୩. ୨, ହାଟଡିହି ରେ ୩୦. ୧, ଚମ୍ପୁଆ ରେ ୩୦. ୧, ଯୋଡ଼ା ରେ ୩୫. ୧, ଝୁମ୍ପୁରା ରେ ୪୯. ୨ମିଲିମିଟର ବର୍ଷା ରେକର୍ଡ କରାଯାଇଛି ସମଗ୍ର ଜିଲ୍ଲାରେ ଆଭେରେଜ ୮୧. ୭୨ମିମି ବର୍ଷା ହୋଇଛି, ବିଭିନ୍ନ ସ୍ଥାନରେ ହୋଇଥିବା ଘାଇ ମାନଙ୍କୁ ଯୁଦ୍ଧ କାଳୀନ ଭିତିରେ ମରାମତି କରାଯାଇ ଗମନାଗମନ ବାଧାନହେବାକୁ ଉଦ୍ୟମ ଚାଲିଛି, ତେଲକୋଇ ବ୍ଲକ ରୁଗୁଡ଼ିହି ଗ୍ରାମ ହାତୀ ଯାତାୟାତ ପଥ ସଂଯୋଗ ରାସ୍ତାକୁ ସାମୟିକ ଭାବେ ବନ୍ଦ କରାଯାଇଛି ।

# ବ୍ରାହ୍ମଣୀ ଓ ଘାଗରା ନାଳ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ



ବାଂଶପାଳ,୩୦/୭(ନି/ପ୍ର): ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଥିବା ବେଳେ କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକରେ ଗତକାଲି ଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି । ଲଘୁଚାପ ଜନିତ ବର୍ଷା ଲାଗି ରହିବା ଫଳରେ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି । ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇଛି । ଅନେକ ଗାଁକୁ ଯୋଗାଯୋଗ କରୁଥିବା ନାଳର ପୋଲ ଉପରେ ବନ୍ୟଜଳ ପ୍ରଭାହିତ ହେବା ଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି । ବୈତରଣୀ ନଦୀ ଓ ମାଲଦା ନାଳ ଉପରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବ୍ଲକ୍ ?ର ଫୁଲଝର ପଚାଂଯତର ଗମ୍ଭାରୀଡ଼ିହି, କେନ୍ଦୁଘାଟି ଗାଁ ଓ ତଳ କାଦକଳା ପଚାଂୟତ ହଳଡିହି ଗାଁ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି । ଏହି ୩ଟି ଗାଁର ଶତାଧିକ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଅଁରା ବ୍ରାହ୍ମଣୀ ନାଳ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେବା ଫଳରେ ଅଁରା, ରାଇଗୋଡ଼ା, ଆମୁଣୀ, ବିନିଦା ସମେତ ୧୦ରୁ ଅଧିକ ଗାଁକୁ ଯୋଗାଯୋଗ ଠପ ହୋଇଯାଇଛି । ଅଁରା ଠାରେ ଶତାଧିକ ଗାଡ଼ି ଅଟକି ରହିଛି । ଯାତାୟାତ ଠପ ହୋଇଯାଇଛି । ସେହିପରି କଲଣ୍ଡା ଠାରେ ଘାଗରା ନାଳ ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରଭାହିତ ହେଉଥିବାରୁ କଲଣ୍ଡା, ଜମ୍ବୀରିପସି, ଭଗତପୁର, ବଡ଼ବିଲ, ଚାନ୍ଦ ପଶିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଲୋକେ ଯାତାୟାତ କରିପାରୁନାହାନ୍ତି । ଅନ୍ୟପଟେ ଦଅଁଳା ଠାରୁ କସଡ଼ାକୁ ଯୋଗାଯୋଗ କରୁଥିବା ସ୍ଥାନୀୟ ନାଳ ଉପରେ ମଧ ବନ୍ୟଜଳ ପ୍ରବାହିତ ହେଉଥିବାରୁ କସଡ଼ା, ରୁଗୁଡ଼ିକସଡ଼ା, ପରିଡା ଗୋଠ ଆଦି ଗାଁକୁ ଯୋଗାଯୋଗ ହୋଇପାରୁନାହିଁ । ଆଜି ସକାଳେ କସଡ଼ା ଗାଁର ଜଣେ ଯୁବକ ଶୁଆକାଟି ଲୌହ ଖଣିକୁ କାମ କରିବାକୁ ଯାଉଥିବା ବେଳେ ଏହି ନାଳ ଉପରେ ଭାସି ଯାଇଥିଲେ । ତେବେ ଅଘଟଣ ପୂର୍ବରୁ ଯୁବକଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଉଦ୍ଧାର କରିଥିବା ଜଣାପଡିଛି । ବାଂଶପାଳରେ ପ୍ରବଳ ବର୍ଷା ଲାଗିରହିଛି । ପାଣିପାଗ ବିଭାଗ କେନ୍ଦୁଝର ଜିଲ୍ଲାକୁ ରେଡ ଓ୍ୱାର୍ଣ୍ଣ ଜାରି କରିଥିବା ବେଳେ ବାଂଶପାଳରେ ସର୍ବାଧିକ ୫୭. ୩ ମିମି ବର୍ଷା ରେକର୍ଡ କରାଯାଇଛି ।

## ବନ୍ୟାସ୍ଥିତି ଅନୁଧ୍ୟାନ କଲେ ବିଧାୟକ ସଂଜୀବ୍ ମଲ୍ଲିକ

ଭଦ୍ରକ,୩୦/୭(ନି/ପ୍ର): ଉପର ମୁଣ୍ଡରେ ଲଗାଇ ବର୍ଷା ଯୋଗୁଁ ଫୁଲୁଛି ବୈତରଣୀ ନଦୀ । ଭଣ୍ଡାରିପୋଖରୀ ବନ୍ତ ର ତେସିଙ୍ଗ ଗ୍ରାମ ପଂଚାୟତ ର ବନସ୍ତା ଠାରେ ଦୁଇଟି ସ୍ଥାନରେ ନଦୀ ବନ୍ଧ ଧସି ଥିବାର ଖବର ପାଇ ଘଟଣାସ୍ଥଳରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏବଂ ବିଭାଗୀୟ ଅଧିକାରୀଙ୍କୁ ଡାକି ଆବଶ୍ୟକତା ଅନୁଯାୟୀ ମରାମତି ସହିତ ଧନଜୀବନ ସୁରକ୍ଷା, ନଦୀ କୂଳ ନିକଟବର୍ତୀ ଗ୍ରାମବାସୀଙ୍କ ସୁରକ୍ଷା କୁ ନଜରରେ ରଖି ସମସ୍ତ ବ୍ୟବସ୍ଥା କରିବା ପାଇଁ ଆଲୋଚନା କରିଛନ୍ତି । ପରେ ଆଖୁଆପଦା ବୈତରଣୀ ନଦୀର ଆନିକଟ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଖୋଳମପୁର ଗ୍ରାମ ପଂଚାୟତ ର କଂଟି ଠାରେ ପହଂଚିଥିଲେ । ସେଠାରେ ସ୍ଥାନୀୟ ଅଂଚଳର ଲୋକମାନଙ୍କ ସହିତ ବନ୍ୟା ପରିସ୍ଥିତି ନେଇ ଆଲୋଚନା କରିଥିଲେ ।

# ମୁକୁଳା କୂଅରେ ପଡ଼ି ୩ ବର୍ଷର ଶିଶୁକନ୍ୟା ମୃତ



ତେଲକୋଇ,୩୦/୭(ନି/ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଗୋଳାବନ୍ଧ ମୋହନପୁର ସାହିରେ କୂଅରେ ପଡ଼ି ଜଣେ ଶିଶୁକନ୍ୟା (୩ବର୍ଷ)ର ମୃତ୍ୟୁ ଘଟିଛି ।ମୃତକ ଜଣକ ହେଲେ ଗ୍ରାମର ଚୌବନ କିସାନଙ୍କ ଝିଅ ଶୀତଲ । ସୂଚନାନୁସାରେ, ଆଜି ଅପରାହ୍ଣରେ ଶୀତଲ ପଡୋଶୀ ଘରକୁ ଯାଇଥିଲେ । ସେଠାରେ ଆଉ ଜଣେ ଶିଶୁ ସହିତ ଘର ଅଗଣାରେ ଏକ ବେଲୁନ ଧରି ଖେଳୁଥିଲେ । ବେଲୁନଟି ଅଗଣାରେ ଥିବା ଖୋଲା କୂଅରେ ପଡ଼ି ଯାଇଥିଲା ।ଶୀତଲ ବେଲୁନଟିକୁ ଉଦ୍ଧାର କରିବାକୁ ଯାଇ କୂଅରେ ପଡ଼ି ବୁଡ଼ି ଯାଇଥିଲେ ।ଅନ୍ୟ ଶିଶୁ ଜଣକ ଘଟଣା ସମ୍ପର୍କରେ ଜଣାଇବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ତେଲକୋଇ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଛନ୍ତି । ଏନେଇ ମୃତକଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ କୂଅରେ ପଡ଼ି ମୃତ୍ୟୁ ଘଟିଥିବା ନେଇ ଲିଖିତ ଅଭିଯୋଗ କରାଯାଇଛି ।ପୁଲିସ ୩୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିଛି ।ଆସନ୍ତାକାଲି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଏଠାରେ ସୂଚନାଯୋଗ୍ୟ ଯେ ଉକ୍ତ କୂଅରେ ଗତବର୍ଷ ଏକ ଗୋରୁ ପଡି ମୃତ୍ୟୁବରଣ କରିଥିଲା ।

# ସେବାଗୌରବ ସମ୍ମାନରେ ସମ୍ମାନିତ ହେଲେ ଭଦ୍ରକ ଜିଲ୍ଲାପାଳ

## ସଂଗ୍ରାମୀ ମାୟାଧର ଦାସ ପୁସ୍ତକ ଲୋକାର୍ପିତ, ସେବା ତ୍ୟାଗ ଓ କର୍ତବ୍ୟ ମୋ ଜୀବନର ବ୍ରତ : ଦିଲୀପ ରାଉତରାଏ

ଭଦ୍ରକ, ୩୦/୭(ନି/ପ୍ର): ସରକାରୀକଳର ନିୟମ, ନିର୍ଦ୍ଦେଶ ଓ ସାହିତ୍ୟ, ସଂସ୍କୃତିକୁ ସମ୍ମାନ ଦେଇ ନିଜର କର୍ତବ୍ୟକୁ ଗୁରୁତ୍ୱ ଦେଇ ନିରହଂକାର କାର୍ଯ୍ୟଦକ୍ଷତା , ଲୋକାଭିମୁଖୀ ଆଚରଣରେ ଦୁଃଖୀ ମଣିଷର ବନ୍ଧୁ ଭାବରେ ଜିଲ୍ଲାପାଳ ଭାବେ ଦାୟିତ୍ୱ ସମ୍ପନ୍ନ କରି ଭଦ୍ରକବାସୀଙ୍କ ହୃଦୟ ଜୟ କରିପାରିଥିବାରୁ ଭଦ୍ରକର ଲୋକପ୍ରିୟ ଜିଲ୍ଲାପାଳ ଡ. ଦିଲୀପ ରାଉତରାଏଙ୍କୁ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଭଦ୍ରକ ଜିଲ୍ଲା ମହୋତ୍ସବର କର୍ମକର୍ତାମାନେ ‘ସେବାଗୌରବ ସମ୍ମାନ‘ରେ ସମ୍ମାନିତ କରିଛନ୍ତି । ଭଦ୍ରକ ଜିଲ୍ଲା ମହୋତ୍ସବର ସଭାପତି ଓଡ଼ିଆ ଭାଷା ସାହିତ୍ୟ ବିଶେଷଜ୍ଞ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକର ଲୋକପ୍ରିୟ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକର ଐତିହ୍ୟ, ସଂସ୍କୃତି ,ପରମ୍ପରା ଓ କିମ୍ବଦନ୍ତୀ ସମ୍ପର୍କରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟ ଦକ୍ଷତା ଓ ନିରହଂକାର ଜୀବନଶୈଳୀ ଉପରେ ଭାବାବେଗ ବକ୍ତବ୍ୟ ରଖୁଥିଲେ । ଏହି ଅବସରରେ ମୁଁ ଓଡ଼ିଆ ପ୍ରତିଷ୍ଠାନ, ସଂଗ୍ରାମୀ ମାୟାଧର ସ୍ମୃତି କମିଟି, ଓଁକାର ଫାଉଣ୍ଡେସନ, ଦେବଦୂତ ଫାଉଣ୍ଡେସନ, ଓଡ଼ିଶା ରାଜ୍ୟ ପୂଜ୍ୟ ପୂଜା ପରିଷଦ ଏବଂ ଗୁରୁଜ୍ଞାନ ଏକାଡେମୀର କର୍ମକର୍ତାମାନେ ମାନ୍ୟବର ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଂଗ୍ରାମୀ ମାୟାଧର ଦାସ ସ୍ମୃତି କମିଟି ପକ୍ଷରୁ ଏହି ସ୍ୱତନ୍ତ୍ର ସଭାରେ ଜିଲ୍ଲାପାଳଙ୍କୁ ‘ ଭଦ୍ରକଗୌରବ ସମ୍ମାନ’ରେ ସମ୍ମାନିତ କରାଯାଇଥିବା ବେଳେ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସମ୍ପାଦିତ ‘ କନିକା ପ୍ରଜା ଆନ୍ଦୋଳନର କର୍ମବୀର ସଂଗ୍ରାମୀ ମାୟାଧର‘ ପୁସ୍ତକ ଜିଲ୍ଲାପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଭଦ୍ରକ ଜିଲ୍ଲା ମହୋତ୍ସବର କାର୍ଯ୍ୟକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ, ଉପ ସଭାପତି ପ୍ରମୋଦ ରାୟ, ଅରୁଣ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ଏସ୍ ସତ୍ୟଭୂଷଣ ସ୍ୱାମୀ, ସାଂସ୍କୃତିକ ସଂଯୋଜକ ପ୍ରଶାନ୍ତ କୁମାର ତ୍ରିପାଠୀ, ଗୋପାଳ ଚନ୍ଦ୍ର ସାହୁ, ସାବିତ୍ରୀ ସେଠୀ, ଅନିତା ରାୟ , ଓଁକାର ଫାଉଣ୍ଡେସନର ଆବାହକ କ୍ୟାପଟେନ୍ ଓଁକାର, ଦେବବ୍ରତ ଫାଉଣ୍ଡେସନର ଆବାହକ ଦୀପ୍ତିମୟୀ ଦାସ, ସଂଗ୍ରାମୀ ମାୟାଧର ଦାସ ସ୍ମୃତି କମିଟିର ସମ୍ପାଦକ ବଂଶୀଧର ଦାସ, ଜଗା ଚାକର ସଂଗଠନର ସମାଜସେବୀ ଗୀତାଞ୍ଜଳି ଅଗସ୍ତି, ବରିଷ୍ଠ ସାମ୍ବାଦିକ ତପନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ଭଦ୍ରକ ଜିଲ୍ଲା ମହୋତ୍ସବର କାର୍ଯ୍ୟକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବା ମାନପତ୍ର ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପାଳି ନାୟକ, ଶଙ୍କର ରାୟ, ମିତାଲି ବେହେରା, ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧନାର ଉତର ଦେଇ ଜିଲ୍ଲାପାଳ ଦିଲୀପ ରାଉତରାଏ କହିଥିଲେ ‘ ଭଦ୍ରକବାସୀଙ୍କ ଅନାବିଳ ଭଲପାଇବାକୁ ମୁଁ ଜୀବନର ଅନ୍ତିମ ପର୍ଯ୍ୟନ୍ତ ଭୁଲି ପାରିବି ନାହିଁ । ‘ ଶେଷରେ ସମାଜସେବୀ ଗୀତାଞ୍ଜଳି ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମଗିରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବାରେ ବିଳମ୍ବ

ଜୟପୁର,୩୦/୭(ନି/ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ରାମଗିରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇ ନାହିଁ । କାରଣ ସ୍କୁଲ ବାରଣ୍ଡାରେ କାଠ ଚୁଲରେ ରୋଷଇ କରାଯାଉଥିବା ବେଳେ ବର୍ଷା ରେ କାଠ ଓଦା ହେବା ଯୋଗୁଁ ରୋଷେଇ ବିଳମ୍ବ ହୋଇଛି । ପିଲାମାନେ ୨ ଟା ପରେ ମଧ୍ୟହ୍ନ ଭୋଜନ ଖାଇଛନ୍ତି । ଏହି ଘଟଣା କୁ ନେଇ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଶୀନାଥ ଗୁଣିଆ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ସରକାର ଛାତ୍ରଛାତ୍ରୀଙ୍କୁ କୋଟିକୋଟି ଟଙ୍କା ବ୍ୟୟରେ ମାଗଣା ରନ୍ଧା ଖାଦ୍ୟ ଦେଉଛନ୍ତି । ରାନ୍ଧିବାକୁ ଗ୍ୟାସ୍ ଚୁଲା ମଧ ଯୋଗାଉଛନ୍ତି । ହେଲେ ଏହି ଗ୍ୟାସ୍ ଚୁଲା ଖତ ଖାଉଛି, ଆଜି ପର୍ଯ୍ୟନ୍ତ ଗ୍ୟାସ ଚୁଲା ଆଦୌ ବ୍ୟବହାର ହୋଇନାହିଁ । କେବଳ କାଠ ଚୁଲରେ ଚାଲିଛି ରୋଷେଇ । ସେପଟେ ସ୍ଥାନୀୟ ପ୍ରଧାନ ଶିକ୍ଷକ ରାମବାବୁ ପାଙ୍ଗିଙ୍କୁ ପଚାରିବାରୁ ସେ ନିଜ ମୁଣ୍ଡରୁ ଦାୟିତ୍ୱ ହଟେଇ ଦେଇ ସ୍ଥାନୀୟ ମା ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟହ୍ନ ଭଜନ ରୋଷେଇ ଦାୟିତ୍ୱ ନେଇଥିବା ବେଳେ ତାଙ୍କର ଦାଇତ୍ୱ ହୀନତା ଯୋଗୁଁ ଏଭଳି ପରିସ୍ଥିତି ଉପଜିଛି ବୋଲି କହିଛନ୍ତି। ଅନ୍ୟପଟେ ସିଆରସିସି ଅକ୍ଷୟ ନାୟକଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅଗାମି ଦିନରେ ଆଉ ଏଭଳି ସମସ୍ୟା ଯେଉଁଭଳି ନ ହେବ ସେଥିପାଇଁ ଦୃଷ୍ଟି ଦେବେ । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି କେବଳ ଏହି ଗୋଟିଏ ବିଦ୍ୟାଳୟ ନୁହଁ, ବୈପାରୀଗୁଡା ବ୍ଲକରେ ପ୍ରାୟ ଅଧିକାଂଶ ସରକାର ବିଦ୍ୟାଳୟରେ ରନ୍ଧା ଖାଦ୍ୟ ଯୋଗାଇବା ସହ ସମସ୍ତ ପ୍ରକାର ସରଞ୍ଜାମ ଯୋଗାଇ ଦେଉଛନ୍ତି । ହେଲେ ବିପଦସଙ୍କୁଳ ଅବସ୍ଥାରେ ରୋଷେଇ କରି ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି ।

# ଭଦ୍ରକରେ ଲଗାଣ ବର୍ଷାର ତାଣ୍ଡବ, ସାଳନ୍ଦୀ ନଦୀ ବନ୍ଧର ୧୦୦ ଫୁଟ ଧସିଲା

ଭଦ୍ରକ,୩୦/୭(ନି/ପ୍ର): ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା ଏବଂ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରୂପ ନେଇଛି । ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଧାମନଗର ବ୍ଲକରେ ସର୍ବାଧିକ ୧୫୫ ମିଲିମିଟର ବର୍ଷା ହୋଇଛି । ଲଗାତାର ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ନଦୀ, ନାଳ ଓ ଜଳାଶୟର ଜଳସ୍ତର ବୃଦ୍ଧି ପାଇଛି ଏବଂ ବହୁ ନିମ୍ନାଂଚଳ ବନ୍ୟା ଜଳରେ ବୁଡ଼ି ରହିଛି । ସବୁଠାରୁ ଚିନ୍ତାଜନକ ଘଟଣା ସାଳନ୍ଦୀ ନଦୀ କୂଳର ଦେଉଳପାଳ ଅଂଚଳରେ ଦେଖିବାକୁ ମିଳିଛି । ପ୍ରବଳ ସ୍ରୋତ ଯୋଗୁଁ ସାଳନ୍ଦୀ ନଦୀ ବନ୍ଧର ପ୍ରାୟ ୧୦୦ ଫୁଟ ଅଂଶ ଧସି ଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ବନ୍ଧରେ ହୋଇଥିବା ଏହି କ୍ଷତି ଆଗାମୀ ଦିନରେ ବଡ଼ ଘାଇ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି । ଯଦି ବର୍ଷା ଜାରି ରହେ ଏବଂ ନଦୀର ଜଳସ୍ତର ଆହୁରି ବଢ଼େ, ତେବେ ଆଖପାଖ ଗ୍ରାମଗୁଡ଼ିକ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ବନ୍ୟା ଜଳ ଯୋଗୁଁ ଜିଲ୍ଲାର ବହୁ ଗ୍ରାମ ଓ ସହରାଂଚଳରେ ଜଳବନ୍ଦୀ ପରିସ୍ଥିତି ଉପୁଜିଛି । ଅନେକ ଲୋକଙ୍କ ଘରେ ବନ୍ୟା ପାଣି ପ୍ରବେଶ କରିଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅନେକ ପରିବାର ନିରାପଦ ସ୍ଥାନକୁ ଯିବାକୁ ବାଧ୍ୟ ହୋଇଥିବା ବେଳେ ଦୈନନ୍ଦିନ ଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ଭଦ୍ରକ ସହରର ଆରଡ଼ି ଛକ, ସମରାଇପୁର, ଚରମ୍ପା ସମେତ ବହୁ ସ୍ଥାନରେ ରାସ୍ତା ଉପରେ ବର୍ଷା ପାଣି ଜମି ରହିଥିବାରୁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି । ବହୁ ଅଂଚଳରେ ଡ୍ରେନ୍ ପାଣି ରାସ୍ତାକୁ ଆସିଥିବାରୁ ଲୋକମାନେ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିମ୍ନାଂଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାରୁ ପାଣି ଦୀର୍ଘ ସମୟ ଧରି ଜମି ରହିଛି । ଗ୍ରାମାଂଚଳରେ ମଧ ବନ୍ୟାର ପ୍ରଭାବ ଗମ୍ଭୀର ରହିଛି । ବହୁ ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବାରୁ ଧାନ ଓ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବଢ଼ିଛି । ଏହା ସହିତ ବହୁ କାଦୁଅ ଓ ଚାଳ ଘର ଭାଙ୍ଗି ପଡ଼ିଥିବାର ଖବର ମିଳୁଛି । ଘର ଭୁଶୁଡ଼ି ପଡ଼ିବାରୁ କିଛି ପରିବାର ନିରାଶ୍ରୟ ହୋଇପଡ଼ିଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମଗ୍ର ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି । ସମସ୍ତ ବ୍ଲକ ପ୍ରଶାସନ, ଅଗ୍ନିଶମ ବିଭାଗ, ଓଡ୍ରାଫ୍, ଜଳସମ୍ପଦ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ନଦୀବନ୍ଧର ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଆବଶ୍ୟକ ପଡ଼ିଲେ ତୁରନ୍ତ ସୁରକ୍ଷାମୂଳକ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି ।

# ସମୟରେ ଆସୁନାହାନ୍ତି ଶିକ୍ଷକ, ଅନ୍ଧାରରେ ଶିକ୍ଷା ବ୍ୟବସ୍ଥା

ଚମ୍ପୁଆ, ୩୦/୭(ନି/ପ୍ର): ଶିକ୍ଷା ହିଁ ଜାତିର ମେରୁଦଣ୍ଡ ଏବଂ ବିଦ୍ୟାଳୟ ହେଉଛି ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ମନ୍ଦିର । ମାତ୍ର କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏହି ପବିତ୍ର ଉକ୍ତି ଏବେ କେବଳ ପୁସ୍ତକୀୟ ଭାଷାରେ ସୀମିତ ହୋଇ ରହିଯାଇଥିବା ପରି ମନେ ହେଉଛି । ବ୍ଲକର ଅଧିକାଂଶ ସରକାରୀ ବିଦ୍ୟାଳୟରେ ସରକାରୀ ନିୟମ, ନିର୍ଦ୍ଧାରିତ ସମୟସୀମା ଏବଂ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହେଉଛି । ମିଳିଥିବା ସୂଚନା ଏବଂ ଅଭିଯୋଗ ଅନୁଯାୟୀ , ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ନିର୍ଦ୍ଧାରିତ ସମୟରେ ଖୋଲୁନାହିଁ କି ବନ୍ଦ ମଧ ନିୟମ ଅନୁସାରେ ହେଉନାହିଁ । ଅଧିକାଂଶ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସମୟାନୁବର୍ତୀ ହୋଇ ବିଦ୍ୟାଳୟରେ ପହଂଚୁ ନାହାନ୍ତି । ନିଜର ମନମୁଖୀ ଇଚ୍ଛା ଅନୁସାରେ ଆସିବା ଏବଂ ଚାଲିଯିବା ଯୋଗୁଁ ବିଦ୍ୟାଳୟର ପାଠପଢ଼ା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଯାଇଛି । ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମୁଖ୍ୟତଃ ଗ୍ରାମାଂଚଳ ଏବଂ ସାଧାରଣ ଗରିବ ପରିବାରର ପିଲାମାନେ ପାଠ ପଢ଼ିଥାନ୍ତି । ମାତ୍ର କିଛି ଦାୟିତ୍ୱହୀନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଏପରି ଅବହେଳା ମନୋଭାବ ପ୍ରମାଣ କରୁଛି ଯେ, ଗରିବଙ୍କ ପିଲାଙ୍କ ଶିକ୍ଷା ପ୍ରତି ସେମାନଙ୍କର ଆଦୌ ଦରଦ ନାହିଁ । ଶିକ୍ଷକମାନଙ୍କ ଏଭଳି ବେପରୁଆ କାର୍ଯ୍ୟକଳାପ ଯୋଗୁଁ ନିରୀହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କ୍ରମଶଃ ଅନ୍ଧକାର ଆଡ଼କୁ ଗତି କରୁଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ବ୍ୟାପକ ଅନିୟମିତତା ବିରୋଧରେ ସଚେତନ ମହଲ ପକ୍ଷରୁ ଗ୍ରହଣ କରାଯାଇଛି କଠୋର ପଦକ୍ଷେପ । ଏ ସମ୍ପର୍କରେ ଚମ୍ପୁଆ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଏବିଇଓ ନରେନ୍ଦ୍ର କୁମାର ନାଏକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲକର ସମସ୍ତ ବିଦ୍ୟାଳୟରେ ଶିକ୍ଷକମାନେ କିପରି ସମୟାନୁବର୍ତୀ ହେବେ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେନେଇ ଦାବି କରାଯାଇଛି । ଏହି ସନ୍ଦର୍ଭରେ ଏବିଇଓ ନରେନ୍ଦ୍ର କୁମାର ନାଏକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ‘ଯଥାଶୀଘ୍ର ସମସ୍ତ ବିଦ୍ୟାଳୟକୁ ନୋଟିସ୍ ଜାରି କରାଯିବ ଏବଂ ସିଆର୍‌ସିମାନେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଉପସ୍ଥାନ ଉପରେ କଡ଼ା ନଜର ରଖିବେ । ନିୟମ ଖିଲାପ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଏବିଇଓଙ୍କ ଏହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ସୀମିତ ରହିବ, ନା ପ୍ରକୃତରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ତାହା ବର୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ମୋଟା ଦରମା ନେଇ ମଧ ନିଜ କର୍ତବ୍ୟରୁ ବିମୁଖ ହେଉଥିବା ଶିକ୍ଷକଙ୍କ ବିରୁଦ୍ଧରେ ପ୍ରଶାସନ କେବେ ଏବଂ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା ।

ଉତ୍କଳ ସମାଚାର

## ସମ୍ପାଦକୀୟ...

### ଶୁକ୍ରବାର ୩୧ ଜୁଲାଇ ୨୦୨୬

# ଅଭିଷେକ ସମୟରେ

ହିଁ ଅଭିଷେକ ସମୟରେ ଯଦି ରାଜ ପୁରୁଷଙ୍କ ବାଟ ନଥାଏ ତେବେ ସେ ରାଜାଙ୍କ ରାଜ କରିବା ଭବିଷ୍ୟ ମଙ୍ଗଳମୟ ହୁଏନାହିଁ। ଏହା ଶକୁନ ଜ୍ୟୋତିଷ ଶାସ୍ତ୍ରର ପ୍ରମାଣ। ରାଜ ଉପଚାରରେ ତାହା ବିଘ୍ନ। ପରିଶେଷଣରେ ଅନେକ ବିଶେଷ୍ୟ ତହାଲ ଯୋଡ଼ିହୋଇ ଅନେକ ସତେବେଳେ ଥାଟରେ ରହିବା ଶାସ୍ତ୍ର ବିଦିତ। ପାଞ୍ଚ-ଆୟୁଧ, ଶ୍ରୀରାମଙ୍କ ଶରାସନ ଧାରଣ ପରି, ରାଜା କାନୁନ ସିଂହସ୍ଥାନରୁ ଦେଶର ଦୂରାନ୍ତ ସର୍ବ କୋଣରୁ ସର୍ବ ଅନୁକୋଣ ଯାଏ ରାଜାକାନୁନ ପ୍ରତାପରହିବ ଏହା ଶରାସନ ଦର୍ଶାଉଛି। ପାଞ୍ଚଖଣ୍ଡା ଅନେକ ରାଜାଙ୍କ ଅଭିଷେକ ବେଳରେ ମନ୍ତ୍ରପୂତ କରି ହସ୍ତରେ ଧରେଇ ଦିଆଯାଏ। ଖଣ୍ଡା ଖଣ୍ଡ ଖଣ୍ଡ କରେ ଯାହାର ଅର୍ଥ ଛେଦକର ଭେଦ କର ଶାସନ କର। ଡିଭାଇଡ ଆଣ୍ଡ ରୁଲ। ମିଜାଇଲ ଯୁଗରେ ବି ସ୍ୱାଧୀନତା ଦିବସରେ ଗଣତନ୍ତ୍ର ପ୍ରଶାସନରେ ଆମ ଦେଶରେ ରାଜ ସେନା ପୋଲିସ ହାତରେ ପରେଡ଼ ଭୂମିରେ ଏପରି ଖଣ୍ଡା ହସ୍ତା ଅଧିକର୍ତ୍ତା ପତାକା ଉତ୍ତୋଳନକୁ ପ୍ରଧାନ ମନ୍ତ୍ରୀଙ୍କୁ ଆହ୍ୱାନ କରୁଛନ୍ତି। ଖଣ୍ଡା ଅଦରକାରୀ ହଟାଏ, ଦରକାରୀଙ୍କୁ ଅଭୟ ଦିଏ। ପାଟରାଣୀ ଅଭିଷେକରେ ଅବଶ୍ୟ ବାମାଙ୍ଗ। ଗଣତନ୍ତ୍ରରେ ସହଯୋଗୀ ସହକର୍ମୀ ଶାସନ ସହାୟକ ମାନେ ପାଟ, ଶପଥ ପାଠ ଉତ୍ସବ ଉପସ୍ଥିତ ରହିବା ଦେଖା ଯାଉଛି। ଶପଥ ପାଠ ଉତ୍ସବ ହିଁ ଅଭିଷେକ ପର୍ବ ଗଣତନ୍ତ୍ର ପାଇଁ ଧରାଯାଉଛି। ପୂର୍ବରୁ ପାଟ ହାତୀ ପାଟ ଅଶ୍ୱ ଅଭିଷେକ ଦିନ ସଜ୍ଜିତଦ ହୋଇ ସୁଦୃଶ୍ୟ ରହୁଥିଲେ। ଏବେ ସୁନ୍ଦର ମହଙ୍ଗା ମୂଲ୍ୟବାନ ଯାନ ଅଭିଷେକ ହଲରୁ ରାଜବାସ ଗୃହ ବା ଦପ୍ତରକୁ ବହନକୁ ଅପେକ୍ଷା ରତ। ଜୟ ଜୟକାର ଧ୍ୱନୀ, ନାରୀଙ୍କୁ ସୁନ୍ଦର ସେଚାରି ଅକ୍ଷର ରାଜା ବିଜେକାଳେ ଶୁଭଇ ହୁଳହୁଳି ପାଟମୁକୁଟ ରତ୍ନ ଖଚିତ ଶୁଦ୍ଧ ସ୍ୱର୍ଣ୍ଣବଂଶାନୁକ୍ରମ ବ୍ୟବହାର୍ଯ୍ୟ ବା ନୂତନ ପାଟଯୋଷୀରାଜ ପୁରୋହିତ ଗଣଙ୍କ ଅଭିଷେକ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶୁଭ ସ୍ଥିର ଲଗ୍ନରେ ନବ୍ୟ ଅଭିଷିକ୍ତ ରାଜମସ୍ତକ ମଣ୍ଡିତ କରାଯାଏ। ରାଜା ତିଳକ ପିନ୍ଧାଇ ଦିଆଯାଏ। ଜ୍ୟୋତିଷରେ ଏକ ମହାନ ପରମ୍ପରାର ଶାସ୍ତ୍ର ଯାମଳ ଗ୍ରନ୍ଥ, ଏଥିରୁ ଉଦ୍ଧାର ପ୍ରାମାଣିକ ଶାଖା ନରପତି ଜୟ ଚର୍ଯ୍ୟାରେ ଅଛି ଅନେକ ଚକ୍ର ଏ ମଧ୍ୟରେ ଅଛି ସିଂହାସନଚକ୍ର ଓ ରାଜ ପ୍ରବେଶ ତୋରଣ ଚକ୍ର, ଯହିଁରେ ୨୭ ନକ୍ଷତ୍ରକୁ ନେଇ ତିନି ରାଜଶକ୍ତି ଅଶ୍ୱପତି, ଗଜପତି, ନରପତି, ପରି ପ୍ରାଚୀନ ତିନି ପ୍ରତାପୀ ରାଜ ଘରାନାଙ୍କର ଅଭିଷେକ କାଳୀନ ଗ୍ରହସ୍ଥିତି ପାଇଁ ଚକ୍ର ଅଛି। ସିଂହାସନ ଚକ୍ରରେ ପାଁ ସୋପାନ ଏ ମଧ୍ୟରେ ପଟ୍ଟ ବୋଲି ଏକ ପର୍ଯ୍ୟାୟ ଅଛି। ଏଥିରେ ସ୍ଥିତ ୬ନକ୍ଷତ୍ରରେ ଯଦି ପାପ ରହିଯାଏ ତେବେ ଅଭିଷିକ୍ତ ରାଜାଙ୍କ ପ୍ରିୟ ବିଶ୍ୱସ୍ତ ପାଟଣ ବା ପଟ୍ଟର ମହା ନାୟକଙ୍କ ବିଚ୍ଛେଦ ହୁଏ। ବିଶେଷକରି ଶନିଙ୍କ ସ୍ଥିତିକୁ ଅତି ପ୍ରାଧାନ୍ୟ ଦିଆଯାଏ। ପାପଗ୍ରହମାନେ ଅଗ୍ନୀ ସ୍ୱରୂପ ଯେଉଁ ନକ୍ଷତ୍ରରେ ଥାନ୍ତି ତାକୁ ଜାଳୁଥାନ୍ତି। ଯାହାକୁ ଛାଡ଼ି ଆସିଥାନ୍ତି ତାକୁ ପାଉଁଶ କରିଥାନ୍ତି। ଯେଉଁଠିକି ଯିବେ, ତାକୁ ଧୂମମୟ କରୁଥାନ୍ତି। ଏପରି ୩ନକ୍ଷତ୍ର ସମ୍ପର୍କ। ଶନି ହାରାହାରି ଏକ ବର୍ଷରୁ କିଛି ମାସ ଏକ ନକ୍ଷତ୍ରରେ ରହନ୍ତି ଏହି ସମୟ ମଧ୍ୟରେ ଅଭିଷେକ କାହାରି ହେଲେ ଜ୍ୟୋତିଷମାନେ ଚକ୍ର ୫ଅଙ୍ଗରେ ଆସୁଥିବା ଶନିଙ୍କ ସ୍ଥିତି ଦେଖି ହାୟ ହାୟ ହୁଅନ୍ତି। ଏ ରାଜ ଉପଚାର କଥା ଦେବ ଉପଚାର ଆହୁରି ଅନେକ ସୂକ୍ଷ୍ମ ବିଚାର, ତେବେ ରାଜ ଉପଚାର ସମ୍ବନ୍ଧମୁକ୍ତ ନୁହେଁ। ଆମ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ନାଥ ଲାଗିଛିଯେ ଜଗତର ନାଥ, ବ୍ରହ୍ମାଣ୍ଡ ହିଁ ଜଗତ, ତାର ସେ ନାଥ, ସମ୍ରାଟ, ହେଲେ ତାଙ୍କ ସେବକ ପଣରେ ମାନବ ଗଣ ସଂଶ୍ଲିଷ୍ଟ। ତାଙ୍କର ସେବାସମୂହ ଅନୁଧ୍ୟାନ କଲେ କେହି ହେଲେ ବି ଆଶ୍ଚର୍ଯ୍ୟ ହେବେ। ତାଙ୍କର ରାଉତ ହେଉଛନ୍ତି ଖୋଦ ଗଜପତି ମହାରାଜା ସେ ଏକ ନମ୍ବର ସେବକ। ଗଣତନ୍ତ୍ର ରାଜୁତିରେ ଭାରତର ରାଷ୍ଟ୍ରପତି, ତାଙ୍କ ଜଗତି ଛାଡ଼ି ଏହାଙ୍କ ଦିବ୍ୟ ଜଗତି ରତ୍ନ ସିଂହାସନ ତଳେ ଯୋଡ଼ହସ୍ତରେ ନମନ ହୋଇ ମଣିମା ମଣିମା ହେବା ଦେଖାଯାଉଛି। ହିନ୍ଦୁ ସନାତନୀ ରାଜାରେ ନେପାଳର ରାଜଦମ୍ପତି ବିଗତ କାଳରେ କେତେ ଥର ଆସି ପୂଜା ପାଠ କରିବା ସହ ନମନ ହୋଇଛନ୍ତି। ଅନ୍ୟ ଧର୍ମ ସମ୍ପୃକ୍ତିମାନେ ଦେଉଳର ରୀତିନୀତି କାଇଦା କାନୁନ ନୀତି କାନ୍ତି ପାଇଁ ଦେଉଳ ପ୍ରବେଶ ମନା ଥିଲେ ବି ରଥଯାତ୍ରାରେ ସବୁଧର୍ମର ଭକ୍ତ ଜନତା ହୃଦୟ ଭରି ଦେଖି ପାରନ୍ତି ଶ୍ରୀଅଙ୍ଗ ଅଧିଷ୍ଠିତ ରଥାରୂଢ଼ ମହାପ୍ରଭୁଙ୍କ ରଥର ଦଉଡି ଛୁଇଁ ଟାଣି ପାରନ୍ତି। ଯାହା ଅନ୍ୟବେଳେ ଦୁର୍ଲ୍ଲଭ। ଏହା ସର୍ବଦର୍ଶନର ମହା ଅନୁଷ୍ଠାନ। ଏ ଯାତ୍ରାବିଏକ ରଥ ଜଗତିର ଅଭିଷେକକୁ ପାରମ୍ପରିକ ବିଶେଷ ଯାତ୍ରା ଅନୁଷ୍ଠାନ। ଏହା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିକୁ କର୍କଟ ଚନ୍ଦ୍ର ସହ ପୁଷ୍ୟା ନକ୍ଷତ୍ର ସମ୍ବନ୍ଧ ରହିବା ଆବଶ୍ୟକ। ତିନି ଦେବତାଙ୍କ ଭିନ୍ନ ଭିନ୍ନ ନକ୍ଷତ୍ର ବଳରାମଙ୍କ ୨୨ ଶ୍ରବଣା, ଜଗନ୍ନାଥଙ୍କ ୪ରୋହିଣୀ ମା ସୁଭଦ୍ରାଙ୍କ ୧୮ ଜ୍ୟେଷ୍ଠା ନକ୍ଷତ୍ର। ରାଶି ସମ୍ବନ୍ଧରେ ମକର, ବୃଷ, ବିଛା ଏହି ତିନିରାଶିର ଚନ୍ଦ୍ର ଶୁଦ୍ଧ କର୍କଟରେ ଏହି ମାସ ଶୁକ୍ଳପକ୍ଷରେ ହିଁ ହେଉଛି। ଏ ସମୟ ଏପରି ବଛା ଯାଇଥିଲା ଯାହା ପାଗ ନାତେଜ ଗରମ ନା ତିବ୍ରବର୍ଷା, ନା ହାଡ଼ ଭଙ୍ଗା ଶୀତ ଅନୁଭୂତ। କୃଷି ଭିନ୍ନିକ ବୃନ୍ତି ଜୀବିକା ରାଜ୍ୟରେ ପୂର୍ଣ୍ଣ ଯୋଷରେ ଚାଷ କାମ ଚାଲୁନଥାଏ। ପୂର୍ବେ ନଦୀମାନଙ୍କରେ ପୋଲି ସେତୁ ନଥିଲା ନଦୀପାର ଡଙ୍ଗାରେ ହେବାକୁ ପଡୁଥିଲା ହେଲେ ପ୍ରବଳ ବର୍ଷା ଦିନରେ ଡଙ୍ଗାର ଆବଶ୍ୟକ ଦରକାର ବେଳେ ଖରାଦିନରେ ସବୁନଦୀ ଶୁଖିଲା ବା କ୍ଷୀଣ ଜଳଧାର ଯହିଁରେ ପଶି ପାର ହୋଇ ହେଉଥିଲା। ସେତେବେଳେ ବର୍ନ୍ନମାନ ପରି ହୋଟେଲର ଭୋଜନକୁ କେହି ପସନ୍ଦ କରୁନଥିଲେ। ଘରୁ ଚୁଡ଼ା, ଚାଉଳ, ଛତୁଆଚୁନା, ଗୁଡ଼, ମୁଢ଼ି, ଉଖୁଡ଼ା, ଏମିତି ନେଇ ଲୋକେ ବାଟ ଚାଲି ରହି ରହି ବାଟରେ ହାତରେ ରୋଷେଇ କରି ଆନନ୍ଦ ଶୁଦ୍ଧ ଭୋଜନ କରି ସାଥି ମେଳରେ ବାଟ ଚାଲି ଚାଲି କାହିଁ କେତେ ଦୂରରୁ ଭକ୍ତି ଶ୍ରଦ୍ଧାରେ ମହିମାମୟଙ୍କ ରଥଯାତ୍ରାକୁ ଆସୁଥିଲେ। ଆଜିକାଲି ଗମନାଗମନର ବହୁସୁବିଧା ହେଲାଣି ହେଲେ ଲୋକେ ପୂର୍ବପରି ନିଷ୍ଠା ଭକ୍ତି କାଷ୍ଠାରେ ରହିବା ନ ହୋଇ ଗମାତ ମୌଜ କାରବାକୁ ଆସି ହୋଟେଲରେ ରାତ୍ରୀ ବାସ କରୁଛନ୍ତି। ଏହା ହିଁ ପୁରୀରେ ଯାନବାହନ ନିୟନ୍ତ୍ରଣକୁ ଅନେକ ଲୋକଙ୍କ ପାଇଁ ଜଳ, ବିଦ୍ୟୁତ, ବାସ, ଭୋଜନ, ରାସ୍ତାଘାଟ, ଶୌଚ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସମସ୍ୟା, ଦେଖାଦେଉଛି। ଏହା ବର୍ଦ୍ଧିତ ହାରରେ ଚାଲିଛି। ଏହା ପ୍ରଶାସନରେ ଦେଶ ରାଜ୍ୟ ଜିଲ୍ଲା ଆଉ ସହରୀ ପ୍ରଶାସନର ଏକାବେଳେ ମୁଣ୍ଡ ବ୍ୟଥା କରାଉଛି। ଏକରୁ ଅନେକ ଅଧିକାରୀଙ୍କ ପ୍ରଶାସନରେ ଏ ସମୟରେ ବ୍ୟକ୍ତିଗଣ, ସ୍ଥାନ, ଏପରିକି ଲୋକଙ୍କ ବ୍ୟବହାର୍ଯ୍ୟ ନିତ୍ୟ ଦ୍ରବ୍ୟ ଉପରେ ଲାଗିରହିଛି। ବହୁଶାସନ ରଜ୍ଜୁର ବନ୍ଧନରେ ପ୍ରଜାମାନେ ପଡ଼ିବା ବୋଧ ହେଲାଣି। ପ୍ରତି ଘରକୁ ଇଲେକ୍ଟ୍ରିକ ସଂଯୋଗ, ରନ୍ଧନ ଗ୍ୟାସ ଟାଙ୍କି ବା ଗ୍ୟାସ ପାଇପ ସଂଯୋଗ, ପାଣି ପାଇପ ସଂଯୋଗ, ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଜାଇକା ପରି ସଂସ୍ଥାର ନଳ ସଂଯୋଗ, ମୋବାଇଲ ଫୋନ ପାଇଁ ଟିଭି ପାଇଁ ଫୋନରେ କମ୍ପାନୀ ମାନଙ୍କ ମାସିକ ବା ଧାର୍ଯ୍ୟ ସମୟ ପାଇଁ ଟିକସ, ହୋଲଡିଂ ଟିକସ, ସ୍ଥାନଖଜଣା ଦ୍ରବ୍ୟ କ୍ରୟରେ ଜିଏସଟି ଆୟକର ଏସବୁ ରଜ୍ଜୁ। ଦେଶ ବିନା ଅର୍ଥରେ କେବେ ପ୍ରଗତି କରିବା ସମ୍ଭବ ନୁହେଁ। ଅନେକ ପ୍ରକାର କର ଆଦାୟ ଦଉଡି ରଜ୍ଜୁ ପରି ଲମ୍ବିଛି।

# ଗୁମାସ୍ତା ଶାସନ

'ଗୁମାସ୍ତା' ଏକ ପାର୍ସୀ ଶବ୍ଦ, ଯାହାର ଅର୍ଥ ହିସାବରକ୍ଷକ କର୍ମଚାରୀ। ସେହିଭଳି 'ମୁନ୍‌ସି' ମଧ୍ୟ ଆଉ ଏକ ପାର୍ସୀ ଶବ୍ଦ, ଯାହା ଉଭୟ ଜଣେ ଭାଷାଶିକ୍ଷକ ତଥା ଶାସନକାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ବୁଝାଇଥାଏ। ମୋଟାମୋଟି ଗୁମାସ୍ତା ବା ମୁନ୍‌ସି ଜଣେ କର୍ମଚାରୀଙ୍କୁ ବୁଝାଏ ଯିଏ ଗୋଟିଏ ବ୍ୟବସ୍ଥାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି। ଅତୀତରେ ଏ ଭାରତ ଭୂଇଁ ଅନେକ ରାଜା, ମହାରାଜା, ଜମିଦାରଙ୍କ ଦ୍ୱାରା ଶାସିତ ହୋଇଛି। ରାଜାଙ୍କ ପାଖରେ ଥାଆନ୍ତି ମନ୍ତ୍ରୀ, ସେନାପତି, କଟୁଆଳ, ବରକନ୍ଦାଜ, ସେ ?ନ୍ୟସାମନ୍ତ। ଜମିଦାର ଜମିଦାରୀ ସମ୍ଭାଳନ୍ତି ଗୁମାସ୍ତା, ବେଭାରୀ ଓ ଖମାରିଆଙ୍କ ମାଧ୍ୟମରେ। ଓଡ଼ିଶାରେ ରାଜୁଡ଼ା ଶାସନ ବେଳେ ରାଜ୍ୟର ଅସଲ କର୍ମଚାରୀ ଥିଲେ ଦେବାନ୍, ମକଦ୍ଦମ, ସରବରାକାର ଇତ୍ୟାଦି। କେନ୍ଦ୍ରୀଭୂତ ହେବା ଶାସନ ବା କ୍ଷମତାର ଏକ ସହଜାତ ଗୁଣ। ଅନେକ ସମୟରେ ଦେଖାଯାଇଛି ଯେ ଜଣେ ଜଣେ ଶାସନମୁଖ୍ୟ କର୍ମଚାରୀଙ୍କ ମାଧ୍ୟମରେ ଶାସନ କଲେ ମଧ୍ୟ ଅସଲ ଲଗାମ ନିଜ ହାତରେ ରଖିଥାନ୍ତି। ଯେଉଁମାନଙ୍କୁ ଇତିହାସ ଆଜି ସମ୍ରାଟର ମର୍ଯ୍ୟାଦା ଦେଇଛି ସେମାନେ ପ୍ରକୃତରେ ଥିଲେ ଏକକଶାସନମୁଖ୍ୟ। ଆଲେକ୍‌ଜାଣ୍ଡର, ଅଶୋକ, ଆକବର ଆଦି ଶାସକମାନେ ଇତିହାସରେ ଏଇ କାରଣରୁ ଗ୍ରେଟ୍ ହୋଇ ରହିଛନ୍ତି। ପୃଥିବୀ ସାରା ନାନା ଉଦାହରଣ ଅଛି। ଅଷ୍ଟ୍ରିଆ ଦିନେ ଏକ ସାମ୍ରାଜ୍ୟ ଥିଲା। ସେଥିରେ ମେଟରନିକ୍ ଥିଲେ ଜଣେ ଅଭିଜ୍ଞ କୂଟନୀତି-କର୍ମଚାରୀ। ଧୀରେ ଧୀରେ ଏମିତି ହେଲା ଯେ ସାରା ଇଉରୋପରେ ତାଙ୍କର ପ୍ରାଧାନ୍ୟକୁ ସମସ୍ତେ ସ୍ୱୀକାର କଲେ। ଦେଶ ନିର୍ବିଶେଷରେ ସେ ପାଲଟିଥିଲେ କ୍ଷମତାର କେନ୍ଦ୍ରବିନ୍ଦୁ। ଅତି ସାଧାରଣରୁ ଯାଇ କ୍ଷମତା ଅଳିନ୍ଦରେ ପହଂଚି ଖୋଦ୍ ସାମ୍ରାଜ୍ଞୀଙ୍କର ପରାମର୍ଶଦାତା ପାଲଟିବା କିଛି ସାମାନ୍ୟ କଥା ନୁହେଁ। ସେମିତି ଘଟିଥିଲା ମହମ୍ମଦ ଅବଦୁଲ କରିମ୍‌ଙ୍କ କ୍ଷେତ୍ରରେ। ବିଲାତର ମହାରାଣୀ ଭିକ୍‌ଟୋରିଆଙ୍କ ଜୁବିଲି ଉତ୍ସବରେ ସହାୟକ-ଭୃତ୍ୟ ଭାବେ ଭାରତରୁ ପ୍ରେରିତ ହୋଇଥିବା ଅବଦୁଲ ଶେଷରେ ପାଲଟିଥିଲେ ସାମ୍ରାଜ୍ଞୀଙ୍କର ମୁନ୍‌ସି। ଚଉଦ ବର୍ଷ କାଳ ଥିଲେ ଭିକ୍‌ଟୋରିଆଙ୍କର ଶିକ୍ଷକ ତଥା ପରାମର୍ଶଦାତା। ସାରା ରାଜକୁଳ ତଟସ୍ଥ ହୋଇଯାଇଥିଲେ ଅବଦୁଲଙ୍କର ପଦୋନ୍ନତି ଓ ପ୍ରଭାବ ଦେଖି। ୧୯୦୧ରେ ଭିକ୍‌ଟୋରିଆଙ୍କର ଦେହାନ୍ତ ହେବା ମାତ୍ରେ ଅବଦୁଲଙ୍କୁ ଅପମାନିତ କରି ଭାରତକୁ ତଡ଼ି ଦିଆଯାଇଥିଲା। ଗୋଟିଏ ସାମ୍ରାଜ୍ୟ, ରାଜ୍ୟ ବା ଜମିଦାରୀ ଚାଲେ କେମିତି ? କର୍ମଚାରୀ ନ ରହିଲେ କାର୍ଯ୍ୟ ସରବରାହ କେମିତି ଶୃଙ୍ଖଳିତ ହେବ ? ସେଇଥିପାଇଁ ରାଜୁଡ଼ା ହେଉ କି ଗଣତନ୍ତ୍ର, ବେଳେବେଳେ ସେଥିରେ ଜଣେ ଜଣେ କର୍ମଚାରୀଙ୍କ ପ୍ରାଧାନ୍ୟ ଏତେ ବୃଦ୍ଧି ପାଏ ଯେ ସେ ସର୍ବେସର୍ବା ପାଲଟି ଯାଆନ୍ତି। ଗଣତାନ୍ତ୍ରିକ ବିଲାତରୁ ଯେଉଁ ଇଷ୍ଟ୍‌ଇଣ୍ଡିଆ କଂପାନି ବେପାରବଣିଜ କରିବାକୁ ଆସି ଭାରତରେ ଗୋଟିଏ ପରେ ଗୋଟିଏ ଅଂଚଳକୁ ଅକ୍ତିଆର କରି ଶାସନ ବ୍ୟବସ୍ଥା ହାତକୁ ନେଲା, ତା'ର ଆରମ୍ଭ ହୋଇଥିଲା ଜଣେ କିରାଣି-କର୍ମଚାରୀଙ୍କ ଠାରୁ ! ସେ ଥିଲେ ରବର୍ଟ କ୍ଲାଇଭ୍। ଶାସନ ବ୍ୟବସ୍ଥାରେ କର୍ମଚାରୀ-ପ୍ରାଧାନ୍ୟ ଇତିହାସ-ସମ୍ମତ। ଅତଏବ ସେ ପଦକୁ ଆମେ ଗୁମାସ୍ତା କହୁ ବା ମୁନ୍‌ସି, ମନ୍ତ୍ରୀ କହୁ ବା ଅମଲା, ସଚିବ କହୁ ବା ବ୍ୟକ୍ତିଗତ ସହାୟକ; ସବୁ ସେଇ ଏକା କଥା। ସଭିଏଁ ଗୁମାସ୍ତା-ହିସାବରକ୍ଷକ କର୍ମଚାରୀ। ପରିଚାଳନାର ହିସାବ ରଖୁ ରଖୁ ସେ ଅସଲ ଶାସକର ଭୂମିକା ନିର୍ବାହ କରନ୍ତି। ଭୃତ୍ୟ ମାଲିକଙ୍କୁ କରାୟତ କରି, ସେନାପତି ରାଜାଙ୍କୁ ହତ୍ୟା କରି, ଗୁମାସ୍ତା ଜମିଦାରଙ୍କୁ ଫସେଇ, ସଚିବ ମନ୍ତ୍ରୀଙ୍କୁ କବଳିତ କରି ଶାସନ ଦଣ୍ଡ ହାତକୁ ନେବା ଆମେ କ'ଣ ଦେଖିନାହୁଁ ? ଓଡ଼ିଶାରେ ଭୋଇବଂଶର ଆରମ୍ଭ ତ ସେଇଠାରୁ। ଭୋଇ ବୋଲନ୍ତେ ହିସାବରକ୍ଷକ, ଲେଖା-କର୍ମଚାରୀ ବା କିରାଣି। ଭୋଇ ଗୋବିନ୍ଦ ବିଦ୍ୟାଧର ଗଜପତି ପ୍ରତାପରୁଦ୍ର ଦେବଙ୍କ ବଂଶଜ ୧୬ ଜଣ ପୁତ୍ର ସନ୍ତାନକୁ ହତ୍ୟା କରି, ଭୋଇବଂଶ ସ୍ଥାପନ କରିବା ସହ ନିଜକୁ 'ସୁବର୍ଣ୍ଣକେଶରୀ' ଭାବରେ ଘୋଷିତ କରିଥିଲେ। ଇତିହାସର ପୃଷ୍ଠା ନାନା ରହସ୍ୟ ତଥା ଅବିଶ୍ୱାସ୍ୟ କଥାରେ ଭରା। ଏ କର୍ମଚାରୀ, ମୁନ୍‌ସି ବା ଗୁମାସ୍ତା-ଶାସନର କାହାଣୀ କେବଳ ଯେ ରାଜତନ୍ତ୍ର ବା ଏକଛତ୍ରବାଦରେ ଦୃଶ୍ୟମାନ ହୁଏ ସେ କଥା ନୁହେଁ। ଗଣତନ୍ତ୍ରରେ ବି କର୍ମଚାରୀ-ଶାସନର ଇତିବୃତ୍ତ ବେଶ୍ ପ୍ରତୁଳ ଓ ପ୍ରଖ୍ୟାତ। ବିଲାତରେ ରାଜାରାଣୀ ଥିଲେ ବି ସେଠାରେ ଗଣତନ୍ତ୍ର-ଶାସନ ଚାଲେ। ରାଜା ବା ରାଣୀ ମୁକୁଟର ପ୍ରତୀକ। ପ୍ରକୃତ ଶାସନ କରନ୍ତି ପ୍ରଧାନମନ୍ତ୍ରୀ। ଚର୍ଚ୍ଚିଲ୍ ଥିଲେ ପ୍ରଧାନମନ୍ତ୍ରୀ। ରାଜପ୍ରାସାଦରୁ ସହମତି ସଂଗ୍ରହ କରିବା ପାଇଁ ଟମି ଲେସେଲ୍‌ସଙ୍କ ଭଳି ଜଣେ ପ୍ରଧାନ ରାଜକର୍ମଚାରୀଙ୍କ ସହାୟତା ନେବାକୁ ପଡୁଥିଲା ତାଙ୍କୁ। ଭାରତରେ ବିଭିନ୍ନ ପ୍ରଧାନମନ୍ତ୍ରୀଙ୍କ ଅମଳରେ ଜଣେ ଜଣେ ଅମଲା ଏପରିକି ସାଧାରଣ କ୍ଷିପ୍ର ଲିପିକାର ମଧ୍ୟ ଶାସନକୁ ପ୍ରଭାବିତ କରିଥିବାର ନମୁନା ଅନେକ। ଜବାହରଲାଲ ନେହରୁଙ୍କ ଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମଳରେ କେହି କେହି ଅମଲା ଯେ ଆଢୁଆଳରେ ରହି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ନାହିଁ ବା କରିନାହାନ୍ତି ସେ କଥା ନୁହେଁ। ମାତ୍ର ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ବାହାରକୁ ଦୃଶ୍ୟମାନ ନ ହେବା ହେଉଛି ଅସଲ ଅମଲାତ୍ୱର ଉଦାହରଣ। ଗୁମାସ୍ତାଗିରି ଓ ଅମଲାଗିରି ଭିତରେ ପାର୍ଥକ୍ୟ ବିଶେଷ କିଛି ନାହିଁ। ମାତ୍ର ଜମିଦାରଙ୍କୁ ଚଟଂକତାରେ ଫସେଇ ଜମିଦାରୀ ହାତେଇବା ପରି ଗଣତନ୍ତ୍ରରେ ଯେତେଯେତେ ଅମଲା ନିଜକୁ ମାତବର ମନେ କରି ଜନନେତା ହେବା ପାଇଁ ଶିଡ଼ି ଚଢ଼ିଛନ୍ତି ସେମାନେ ସମସ୍ତେ ଗୋଡ଼ ଖସେଇ ତଳେ ପଡ଼ିଛନ୍ତି। ଗୁମାସ୍ତା ବା ସଚିବ ଯେତେ କାର୍ଯ୍ୟଦକ୍ଷ ହେଲେ ମଧ୍ୟ ତାଙ୍କର ଅନ୍ତରାଳରେ ରହିବା ହିଁ ସମୀଚୀନ। ଗଣତନ୍ତ୍ରରେ ମନ୍ତ୍ରୀମାନଙ୍କ ପୋଷାକ ଉହାଡ଼ରେ ଅମଲାଶାସନ ଚାଲେ। ରାଜତନ୍ତ୍ରରେ ଯେମିତି ମନ୍ତ୍ରୀ ଶାସନ କରନ୍ତି ହେଲେ ରାଜମୁକୁଟ ଥାଏ ରାଜାଙ୍କ ମୁଣ୍ଡରେ। ମନ୍ତ୍ରୀ ମୁକୁଟ ପିନ୍ଧିଲେ ସରିଲା କଥା। ସେମିତି ଗଣତନ୍ତ୍ରରେ ମନ୍ତ୍ରୀମାନେ ଶାସନରେ ସରକାର ବୋଲାନ୍ତି। ତାଙ୍କୁ ପଛକୁ ଠେଲି ସଚିବମାନେ ସଭାମଂଚକୁ ଉଠିଲେ ପତନ ସୁନିଶ୍ଚିତ। ଯେତେ ପାରଙ୍ଗମ ଓ ପାରିବାର ସଚିବ ହେଲେ ମଧ୍ୟ ତାଙ୍କୁ ଗଣତନ୍ତ୍ର କେବେ ବି ନେତାର ମର୍ଯ୍ୟାଦା ଦେବ ନାହିଁ। ଭାରତ ପରି ଓଡ଼ିଶା ଇତିହାସ ଅମଲା ଶାସନର ପରଦା ପଛପଟେ ଅନେକ ଗୁମାସ୍ତା-ଶାସନର ଅଭିଜ୍ଞତା ହାସଲ କଲାଣି। ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ। ତାଙ୍କ ଜୀବନୀ ପଢ଼ିଲେ ଜାଣିହେବ ଯେ ଅନେକ ଟାଣୁଆ ଅମଲା ଥିଲେ ତାଙ୍କ ପାଖରେ ମାତ୍ର କେହି ମଚଂକୁ ଉଠିବାକୁ ସାହସ କରି ନ ଥିଲେ। ପୁଣ୍ୟଶ୍ଳୋକ ନବକୃଷ୍ଣ ଚୌଧୁରୀଙ୍କ ଅମଳରେ ମଧ୍ୟ ସେଇଆ। ଷଷ୍ଠ ଦଶକରେ ବିଜୁ ପଟ୍ଟନାୟକ ସ୍ୱଳ୍ପ କାଳର ମୁଖ୍ୟମନ୍ତ୍ରୀ ହେଲେ ମଧ୍ୟ ଅମଲାଙ୍କୁ ବେଶ୍ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଆଇ.ସି.ଏସ୍. ବଳରାମ ଶିବରମଣଙ୍କୁ ମାନୁଥିଲେ ସେ। ଶିବରମଣ ଶେଷକୁ ଦେଶର ସର୍ବୋଚ୍ଚ ଅମଲା ବା କ୍ୟାବିନେଟ୍ ସେକ୍ରେଟାରି ପଦକୁ ଉନ୍ନୀତ ହୋଇଥିଲେ। ଦ୍ୱିତୀୟ ପାଳି ୧୯୯୦ରୁ ୧୯୯୫ ବିଜୁବାବୁ ଯେତେବେଳେ ମୁଖ୍ୟମନ୍ତ୍ରୀ ହେଲେ ସେ ପୁଣି ପରାମର୍ଶଦାତା ଭାବେ ଆଣି ଆସିଥିଲେ ବୃଦ୍ଧ ବଳରାମ ଶିବରମଣଙ୍କୁ। ଶିବରମଣ କେବେ ବି ମଚଂକୁ ଉଠି ମୁହଁ ଦେଖାଇ ନ ଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ତାଙ୍କ ଅମଳରେ ରମାକାନ୍ତ ରଥ ଥିଲେ ମୁଖ୍ୟକର୍ମଚାରୀ-ପରାମର୍ଶଦାତା। ପ୍ରସିଦ୍ଧ କବି ଭାବରେ ଜଣା ଥିଲେ ବି ନନ୍ଦିନୀଙ୍କ ଶାସନକାଳରେ ସେ ନିଜକୁ ଦୃଶ୍ୟମାନ କରୁ ନ ଥିଲେ କେବେ। ଠିକ୍ ସେମିତି ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୧୪ ବର୍ଷର ଶାସନକାଳ। ତାଙ୍କର ଅନେକ ପ୍ରଧାନ ଅମଲା ତ ଥିଲେ ମାତ୍ର ସଚିବାଳୟ ଅଳିନ୍ଦରେ ଆଲୋଚିତ ହେଉଥିଲେ ସୁଧାଂଶୁ ଭୂଷଣ ମିଶ୍ର ଓ ମଦନମୋହନ ପଣ୍ଡା। ଏମାନଙ୍କୁ କେହି କେବେ ଦୃଶ୍ୟମାନ ହେବାର ଦେଖିନାହିଁ ସାଧାରଣ ସଭାମଂଚରେ। ଏଠାରେ ଗୋଟିଏ ଘଟଣାର ଅବତାରଣା ଆବଶ୍ୟକ। ଏକଦା ଜଣେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥାଆନ୍ତି ଜଣେ ସହାୟକ ଅମଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଟଙ୍କା ବାଂଟିବା ଥିଲା ତାଙ୍କ କାମ। ଅତି ଭଦ୍ରଲୋକ। ଖୁବ୍ ଉପକାରୀ। ଦୁଃଖୀ, ରଙ୍କୀ, ଦୁସ୍ଥ, ଅଭାବୀ ଯିଏ ଦରଖାସ୍ତ କଲେ ତାଙ୍କ ମନ ତରଳେ। ଏ ସୁଯୋଗରେ ତାଙ୍କ ଜନ୍ମସ୍ଥାନ ଅଚଂଳରୁ ବହୁ ଲୋକ ଉପକାର ପାଇଲେ। ଢେର ଗୁଡ଼ାଏ ମୁଣ୍ଡିଆ, ଦଣ୍ଡବତ ମିଳିଲା ତାଙ୍କୁ। ବାବୁଙ୍କର ଧାରଣା ହେଲା ସେ ଲୋକପ୍ରିୟ ହୋଇଗଲେଣି। ଯେମିତି ଅବସର ନେଲେ ଧଡ଼୍‌କିନା ଠିଆ ହୋଇଗଲେ ନିର୍ବାଚନରେ। ବିଚରା ଅମାନତ ହରେଇଲେ। ମଚଂକୁ ଉଠିଲେ ଆପେ କେହି ନେତା ହୁଅନ୍ତି ନାହିଁ। ଗୁମାସ୍ତା ସାରା ଜମିଦାରୀ ଉପରେ ହୁକୁମ୍ ବାହେଲ କରୁଥିଲେ ମଧ୍ୟ ଜମିଦାର ବୋଲାଇବା କ'ଣ ଏତେ ସହଜ ! ନିକଟ ଅତୀତରେ ସେ କଥା ପୁଣି ପ୍ରମାଣିତ ହେଲା। ୨୦୦୦ରୁ ୨୦୨୪ ନବୀନବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଅନେକ ଟାଣୁଆ ଅମଲା ଥିଲେ। ୨୦୦୦ରୁ ୨୦୧୨ ବାବୁ ପ୍ୟାରୀମୋହନ ମହାପାତ୍ର, ୨୦୧୨ରୁ ୨୦୧୫ ବାବୁ ବିଜୟ କୁମାର ପଟ୍ଟନାୟକ, ଯୁଗଳ କିଶୋର ମହାପାତ୍ର, ଗୋକୁଳ ଚନ୍ଦ୍ର ପତି। ୨୦୧୭ରୁ ୨୦୨୪ ବାବୁ କାର୍ତ୍ତିକେୟନ ଭୌରବ ପାଣ୍ଡିଆନ୍। ସମସ୍ତେ ପ୍ରସିଦ୍ଧ ଅମଲା। ନବୀନଙ୍କ ପ୍ରଶାସନିକ ସଫଳତାର ଶ୍ରେୟ ଏମାନଙ୍କ ଗୁମାସ୍ତାଗିରିକୁ ହିଁ ଯିବ। ପ୍ୟାରୀମୋହନ ଅବସର ପରେ ରହିଥିଲେ ମଧ୍ୟ ତାଙ୍କର ଥିଲା ଅମଲା ପରିଚୟ। ପ୍ରଥମେ ମଚଂ ଚଢ଼ି ଦୃଶ୍ୟମାନ ହୋଇଥିଲେ ସେ। ବିଚରା କଚଡ଼ା ଖାଇ ତଳେ ପଡ଼ିଲେ। ବିଜୟ କୁମାର, ଯୁଗଳ କିଶୋର, ଗୋକୁଳ ଚନ୍ଦ୍ର ଅମଲା ଥାଇ ମଚଂ ଚଢ଼ିବାକୁ ପ୍ରଚେଷ୍ଟା କରିନାହାନ୍ତି କେବେ। ଅନ୍ୟ ପକ୍ଷରେ ବାବୁ କାର୍ତ୍ତିକେୟନ ପାଣ୍ଡିଆନ୍ ନିଜ ଅମଳରେ ଅଧିକରୁ ଅଧିକ ଦୃଶ୍ୟମାନ ହୋଇଥିଲେ। ଲୋକପ୍ରିୟତାରେ ଖୁବ୍ ଉପରକୁ ଉଠିଥିଲେ ସେ। ଲୋକେ କିନ୍ତୁ ଗ୍ରହଣ କଲେ ନାହିଁ ଏ ଦୃଶ୍ୟମାନତା। ବିଜେଡି ଅବିଶ୍ୱାସ୍ୟ ଭାବେ ଶାସନରୁ ଗଲା।

# ଦୂର ଯୁଦ୍ଧ

ଯୁଦ୍ଧ ବିଶାରଦମାନଙ୍କ ଆକଳନ ଅନୁସାରେ ହର୍ମୁଜ ଦଖଲ ସହିତ ଆମେରିକାର ଏହି ଯୁଦ୍ଧ ପ୍ରକଳ୍ପ ହୁଏତ ସମାପ୍ତ ହେବ। କାରଣ, ବର୍ତ୍ତମାନ ଆମେରିକା ଦୃଷ୍ଟିରେ ହର୍ମୁଜ ହିଁ ହେଉଛି ଗୋଟିଏ ସୁନା ଅଣ୍ଡା ଦେଉଥିବା କୁକୁଡ଼ା। ତେବେ, ଏହା ମଧ୍ୟ ସତ ଯେ ହର୍ମୁଜର ଚିନ୍ତାତୀତ ରଣନୈତିକ ଗୁରୁତ୍ୱ ବୁଝି ସାରିଥିବା ଇରାନ ଅନ୍ତିମ ରକ୍ତ ବିନ୍ଦୁ ଥିବା ଯାଏ ତାହାକୁ ରକ୍ଷା କରିବା ସକାଶେ ଲଢ଼ିପାରେ। ତେଣୁ ଯୁଦ୍ଧ ଦୀର୍ଘ କାଳ ଜାରି ରହିବାର ସମ୍ଭାବନା ବେଶ୍ ଦୃଢ଼। ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧରେ ସଂପ୍ରତି ଦକ୍ଷିଣ ଇରାନ ଉପରେ ଆମେରିକୀ ଆକ୍ରମଣ ଅତ୍ୟନ୍ତ ତୀବ୍ର ହୋଇଥିବା ବେଳେ ଆମେରିକା ସିନେଟ୍‌ରେ ଯୁଦ୍ଧ ସକାଶେ ଅଧିକ ଅର୍ଥର ଦାବିକୁ ଡେମୋକ୍ରାଟ ସିନେଟରମାନଙ୍କ ବିରୋଧ ସେଠାକାର ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲେ ହେଁ ଯାହା ମୁଖ୍ୟ ଆଲୋଚନାର ବିଷୟବସ୍ତୁ ହୋଇଛି ତାହା ହେଲା ସରକାର ସ୍ୱୀକାର କରିଥିବା ଯୁଦ୍ଧ ବ୍ୟୟର ପରିମାଣ, ଯାହା ଏ ଯାବତ୍ ଅର୍ଥାତ୍ ପାଚଂ ମାସର ଅବଧିରେ ହୋଇଛି ୩୭.୫ ବିଲିଅନ ଡଲାର। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ପ୍ରକୃତ ପକ୍ଷେ ଏହି ବ୍ୟୟର ପରିମାଣ ଆହୁରି ଅଧିକ ହୋଇଥିବ। ଏହି ଯୁଦ୍ଧ ଚଳାଇ ରଖିବା ସକାଶେ ଆମେରିକା ସରକାର ଅତିରିକ୍ତ ୮୭ ବିଲିଅନ ଡଲାରର ପ୍ରାବଧାନ ଚାହାନ୍ତି, ଯାହା ଫଳରେ ଯୁଦ୍ଧ ବ୍ୟୟର ପରିମାଣ ହୋଇଯିବ ପ୍ରାୟ ୧.୩ ଟ୍ରିଲିଅନ ଡଲାର, ଅର୍ଥାତ୍ ଭାରତୀୟ ଜି.ଡି.ପି.ର ପ୍ରାୟ ଏକ-ଚତୁର୍ଥାଂଶ। ଉଲ୍ଲେଖଯୋଗ୍ୟ ଯେ ଏହି ଯୋଜନାବିହୀନ ଓ ଲକ୍ଷ୍ୟହୀନ ଯୁଦ୍ଧକୁ ନେଇ ସମାଲୋଚକମାନେ ମୁଖର, କାରଣ ଅହଙ୍କାରୀ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା କୌଣସି ନିର୍ଦ୍ଦିଷ୍ଟ କାରଣ ନ ପାଇଲା ପର୍ଯ୍ୟନ୍ତ ଏହି ଯୁଦ୍ଧରୁ ଓହରି ଯିବ ନାହିଁ ବା ଯୁଦ୍ଧକୁ ବନ୍ଦ କରିବ ନାହିଁ, ଅର୍ଥାତ୍ ତାହା ଦୀର୍ଘକାଳୀନ ହୋଇ ଆମେରିକାର ଅର୍ଥନୀତି ଉପରେ ଗଭୀର ଚାପ ସୃଷ୍ଟି କରିବ। ଏଭଳି ସ୍ଥିତରେ ଯୁଦ୍ଧ ଅର୍ଥନୀତି ଓ ଆମେରିକୀ ସୁବିଧାବାଦକୁ ଘେନି ଏକ କ୍ଷୁଦ୍ର ଆଲୋଚନା କରାଯାଇପରେ। ଏହା ସର୍ବଜନବିଦିତ ଯେ ଆମେରିକା ସର୍ବଦା ଦୂର ଦେଶଗୁଡ଼ିକରେ ଯୁଦ୍ଧ କରିବା ସକାଶେ ଆଗଭର ହୋଇଥାଏ, ଯାହା ପଛରେ ଯଦିଓ ରହିଥାଏ ଭୂ-ରଣନୈତିକ ବା ଭୂ-ରାଜନୈତିକ ଭାରସାମ୍ୟକୁ ନିଜ ପକ୍ଷକୁ ଢଳାଇବା ବା ଖଣିଜ ତୈଳ ଭଳି ପ୍ରଭାବଶାଳୀ ପ୍ରାକୃତିକ ସଂସାଧନର ଉତ୍ସ ଉପରେ ପତିଆରା ଜମାଇବା ଭଳି ଦୁରଭିସନ୍ଧି, କିନ୍ତୁ ପ୍ରକାଶ୍ୟ ଉଦ୍ଦେଶ୍ୟ ଭାବେ ଦର୍ଶାଯାଇଥାଏ ସେ କୌଣସି ଦେଶର ଅତ୍ୟାଚାରୀ ଶାସନର ଉନ୍ମୂଳନ ଓ ଗଣତନ୍ତ୍ରର ପ୍ରତିଷ୍ଠା ଅଥବା କୌଣସି ଦାୟିତ୍ୱହୀନ ସରକାର ହାତରେ ଥିବା ଗଣବିଧ୍ୱଂସୀ ଅସ୍ତ୍ର ଭଣ୍ଡାରର ବିଲୋପନ (ଇରାନ ଭଳି) ଇତ୍ୟାଦି, ଯାହାର ଅର୍ଥ ସତେ ଯେମିତି ଆମେରିକା ହେଉଛି ପୃଥିବୀର ତ୍ରାଣକର୍ତ୍ତା ! ଏହା ସୁବିଦିତ ଯେ ଇରାନ ବିରୋଧରେ ଯୁଦ୍ଧ ସେହି ଆଳରେ ଆରମ୍ଭ ହୋଇଥିଲା, ଅର୍ଥାତ୍ ଧର୍ମଗୁରୁ ଆୟାତୋଲ୍ଲାଙ୍କ ନିର୍ମମ ଏକଛତ୍ରବାଦୀ ଶାସନର ପତନ ଲକ୍ଷ୍ୟରେ। ଆମେରିକାର ଧାରଣା ଥିଲା ଯେ ଏଭଳି ଆକ୍ରମଣ ଆରମ୍ଭ ହୋଇଗଲେ ଇରାନର ଗଣତନ୍ତ୍ରକାମୀ ନାଗରିକମାନେ ବାହାରି ପଡ଼ି କ୍ଷମତାସୀନ ସରକାରଙ୍କୁ ଗାଦିଚ୍ୟୁତ କରିଦେବେ, ଯାହା କିନ୍ତୁ ଏକ ଭ୍ରାନ୍ତିରେ ପରିଣତ ହେଲା। ତା' ପରଠାରୁ ଟ୍ରମ୍ପ ଏ ଯୁଦ୍ଧ ନେଇ ତାଙ୍କ ଲକ୍ଷ୍ୟର କେନ୍ଦ୍ରକୁ ବଦଳାଇବାରେ ଲାଗିଛନ୍ତି, ଯେମିତି ପରମାଣୁ ବୋମା ନିର୍ମାଣର ଇରାନୀ ଉଦ୍ୟମକୁ ପଣ୍ଡ କରିବା ଏବଂ ସଦ୍ୟତମଟି ହେଲା ହର୍ମୁଜକୁ ଇରାନୀ ନିୟନ୍ତ୍ରଣରୁ ମୁକ୍ତ କରିବା। କହିବାର ତାତ୍ପର୍ଯ୍ୟ ହେଲା, ଯୁଦ୍ଧ ନେଇ ଆମେରିକୀୟ ନିଷ୍ପତି ପୂର୍ବରୁ କଦାପି ଏଭଳି ଅର୍ବାଚୀନସୁଲଭ ଅପରିପକ୍ୱ ହୋଇନାହିଁ। ବାସ୍ତବରେ ଇସ୍ରାଏଲର ପ୍ରରୋଚନାରେ, ଇସ୍ରାଏଲର ଜାତଶତ୍ରୁ ଇରାନ ବିରୋଧରେ ଯେଉଁ ଯୁଦ୍ଧକୁ ଆମେରିକା ଗଲା ଫେବ୍ରୁଆରି ୨୮ ତାରିଖରେ କୁଦି ପଡ଼ିଥିଲା, ସେ ଯୁଦ୍ଧ ଆମେରିକା ସକାଶେ ନିତାନ୍ତ ଅନାବଶ୍ୟକ ଥିଲା। ଅଥଚ ଅବଲୀଳା କ୍ରମେ ତାହା ବର୍ତ୍ତମାନ ଆମେରିକାର ନିଜସ୍ୱ ଯୁଦ୍ଧରେ ପରିଣତ ହୋଇ ସାରିଛି, ଯହିଁରେ ଟ୍ରମ୍ପଙ୍କ ଅହମିକା ପୂର୍ତି ସକାଶେ ସେଠାକାର ରାଜକୋଷକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଲକ୍ଷ୍ୟ କରିବାର କଥା ଯେ ଆମେରିକା ଦୂର ସ୍ଥାନରେ ହିଁ ଯୁଦ୍ଧ କରିବାରେ ବ୍ୟାପୃତ ରହିଥାଏ, ଯାହା ପଛରେ ଏକ ପ୍ରକାର ସୁବିଧାବାଦ ରହିଛି ବୋଲି ଯୁଦ୍ଧ ବିଶେଷଜ୍ଞମାନେ କହନ୍ତି। ୧୭୭୬ ମସିହାରୁ ୨୦୧୯ ମସିହା ମଧ୍ୟରେ ଅର୍ଥାତ୍ ପ୍ରାୟ ଅଢ଼େଇ ଶହ ବର୍ଷ ଅବଧିରେ ଆମେରିକା ଲଢ଼ିଥିବା ୩୯୨ଟି ଯୁଦ୍ଧର ତର୍ଜମା କରି ଗବେଷକ ସିଡିଟା କୁସି ଏବଂ ମୋନିକା ଡୋଫିଟଫ୍‌ଟ ତାଙ୍କ ଅଧ୍ୟୟନ (ଇନଟ୍ରିଡ୍ୟୁସିଙ୍ଗ ୟୁ.ଏସ. ମିଲିଟାରି ଇଂଟରନେସନ ପ୍ରୋଜେକ୍ଟ)ରେ କହିଛନ୍ତି ଯେ ଲାଟିନ ଆମେରିକା, ଏସିଆ, ଉତ୍ତର ଆଫ୍ରିକା, ପ୍ରଶାନ୍ତ ମହାସାଗରୀୟ ଅଚଂଳ ପର୍ଯ୍ୟନ୍ତ ବିଭିନ୍ନ ଦୂରବର୍ତୀ ସ୍ଥାନରେ ହସ୍ତକ୍ଷେପ କରିବା ସହିତ ଯୁଦ୍ଧରେ ବ୍ୟାପୃତ ରହି ଆମେରିକା ପ୍ରକାରାନ୍ତରେ ଅନେକ ଲାଭର ହିତାଧିକାରୀ ହୋଇଛି, ଯାହା ଏକ ପ୍ରକଳ୍ପ ବା ପ୍ରୋଜେକ୍ଟ ତୁଲ୍ୟ ଦିଶିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସଂପୃକ୍ତି ହେତୁ ସମୃଦ୍ଧ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ବିଧ୍ୱସ୍ତ ଏବଂ ସେମାନଙ୍କ ଅର୍ଥନୀତି ଭୂଲୁଣ୍ଠିତ ହୋଇ ଯାଇଥିବା ବେଳେ ଆମେରିକା ଏହି ଯୁଦ୍ଧରେ ସଂପୃକ୍ତ ଥିବା ସତ୍ତ୍ୱେ ପ୍ରଭୂତ ବିତ୍ତ ଅର୍ଜନରେ ସକ୍ଷମ ହୋଇଥିଲା। ଯୁଦ୍ଧ ହେତୁ ୟୁରୋପୀୟ ଉଦ୍ୟୋଗ ବିପର୍ଯ୍ୟସ୍ତ ହୋଇ ପଡ଼ିବା କାରଣରୁ ଯୁଦ୍ଧ ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ଉତ୍ପାଦନ ସକାଶେ ଆମେରିକୀୟ ଉଦ୍ୟୋଗ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥିଲା, ଯେଉଁ କାରଣରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ପୃଥିବୀର ବିଶାଳତମ ମିଲିଟାରି ଶିଳ୍ପ ରୂପେ ଆବିର୍ଭୂତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଯୁଦ୍ଧ ସ୍ଥଳରୁ ନିରାପଦ ଦୂରତାରେ ରହି ଫୋର୍ଡ ଭଳି ମୋଟର ଗାଡ଼ି ନିର୍ମାତା କଂପାନିଗୁଡ଼ିକ ଟ୍ୟାଙ୍କ ବା ଯୁଦ୍ଧ ବିମାନର ଯନ୍ତ୍ରାଂଶ ଆଦିର ନିର୍ମାଣରେ ବ୍ରତୀ ହୋଇଥିଲେ; ଏପରି କି ଆଇ.ବି.ଏମ. ଭଳି ଡେଟା ପ୍ରୋସେସିଂ କଂପାନି ମଧ୍ୟ ସାମରିକ ପରିବହନ ଗାଡ଼ି ଓ ଟ୍ୟାଙ୍କ ଆଦି ନିର୍ମାଣରେ ପ୍ରବୃତ୍ତ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ବେଳକୁ ଶ୍ମଶାନରେ ପରିଣତ ୟୁରୋପ ସମ୍ମୁଖରେ ଆମେରିକା ପୃଥିବୀର ସର୍ବାଧିକ ବିତ୍ତଶାଳୀ ରାଷ୍ଟ୍ର ରୂପେ ଦଣ୍ଡାୟମାନ ହୋଇଥିଲା। କହିବା ଅନାବଶ୍ୟକ ଯେ ସୀମା ବିବାଦରୁ ଉତ୍ପନ୍ନ ଦୁଇ ପଡ଼ୋଶୀ ଦେଶଙ୍କ ଯୁଦ୍ଧରେ ଏଭଳି ଘଟି ନ ଥାଏ; ଯୁଦ୍ଧ ଦୀର୍ଘ କାଳ ଲାଗି ରହିଲେ ସ୍ୱାଭାବିକ ଭାବେ ଉଭୟ ଦେଶ ଭଗ୍ନ ଓ କଙ୍କାଳସାର ହୋଇ ଯାଆନ୍ତି; ଯାହାର ଦୃଷ୍ଟାନ୍ତମାନ ବୁଭୁକ୍ଷା ଓ ନୈରାଜ୍ୟ ଜର୍ଜର ଉପସାହାରୀୟ ଆଫ୍ରିକୀୟ ଦେଶଗୁଡ଼ିକରୁ ମିଳିଥାଏ। ୨୦୨୨ ମସିହାରେ ପଡ଼ୋଶୀ ୟୁକ୍ରେନ ସହିତ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଅର୍ଥନୈତିକ ସମୃଦ୍ଧି ଦୃଷ୍ଟିରୁ ପ୍ରାୟ ୧.୫ ଟ୍ରିଲିଅନ ଡଲାର ଜି.ଡି.ପି. ସହିତ ରୁଷିଆର ସ୍ଥାନ ଥିଲା ଏକାଦଶମ। ଚାରି ବର୍ଷର ଅବିଶ୍ରାନ୍ତ ଯୁଦ୍ଧ ହେତୁ ସଂପ୍ରତି ରୁଷିଆର ଅର୍ଥନୀତି ମୁକ୍ତ-ପତନର ସମ୍ମୁଖୀନ ହେଲାଣି, ଯହିଁରେ ଅଭିବୃଦ୍ଧି ହାର ହୋଇଛି ମାତ୍ର ୦.୨ ରୁ ୦.୪ ପ୍ରତିଶତ। ସେହିଭଳି ୟୁକ୍ରେନ ମୁଖ୍ୟତଃ କିଛି ପାଶ୍ଚାତ୍ୟ ରାଷ୍ଟ୍ରର ସହାୟତା ଓ ଋଣ ଆଧାରରେ ତିଷ୍ଠି ରହିଛି, ଯାହାର ଅଭିବୃଦ୍ଧି ହାର ହେଉଛି ମାତ୍ର ୦.୫ ପ୍ରତିଶତ। କହିବାର ଉଦ୍ଦେଶ୍ୟ ହେଲା, ଆମେରିକାର ଭିନ୍ନିଭୂମି ଓ ମାନବ ସମ୍ବଳ ଉଭୟ ପ୍ରତ୍ୟକ୍ଷ ଯୁଦ୍ଧର ତ୍ରାସ ଦେଖି ନାହାନ୍ତି; ବରଂ ଦୂର ଯୁଦ୍ଧର ପ୍ରକଳ୍ପରୁ ଆମେରିକା ଲାଭ ଅମଳ କରିଛି। ଯୁଦ୍ଧ ବିଶାରଦମାନଙ୍କ ଆକଳନ ଅନୁସାରେ ହର୍ମୁଜ ଦଖଲ ସହିତ ଆମେରିକାର ଏହି ଯୁଦ୍ଧ ପ୍ରକଳ୍ପ ହୁଏତ ସମାପ୍ତ ହେବ। କାରଣ, ବର୍ନ୍ନମାନ ଆମେରିକା ଦୃଷ୍ଟିରେ ହର୍ମୁଜ ହିଁ ହେଉଛି ଗୋଟିଏ ସୁନା ଅଣ୍ଡା ଦେଉଥିବା କୁକୁଡ଼ା। ତେବେ, ଏହା ମଧ୍ୟ ସତ ଯେ ହର୍ମୁଜର ଚିନ୍ତାତୀତ ରଣନେ ?ତିକ ଗୁରୁତ୍ୱ ବୁଝି ସାରିଥିବା ଇରାନ ଅନ୍ତିମ ରକ୍ତ ବିନ୍ଦୁ ଥିବା ଯାଏ ତାହାକୁ ରକ୍ଷା କରିବା ସକାଶେ ଲଢ଼ିପାରେ। ତେଣୁ ଯୁଦ୍ଧ ଦୀର୍ଘ କାଳ ଜାରି ରହିବାର ସମ୍ଭାବନା ବେଶ୍ ଦୃଢ଼। ଏବଂ ଟ୍ରମ୍ପ ଜାଣନ୍ତି ଯେ ମାତ୍ରାତିରିକ୍ତ ବ୍ୟୟ ସତ୍ତ୍ୱେ ଏହି ଯୁଦ୍ଧ ଚଳାଇ ରଖିବାକୁ ହେଲେ, ଯୁଦ୍ଧର ଘନଘଟା ପ୍ରତ୍ୟକ୍ଷ କରି ନ ଥିବା (୧୯୪୧ ମସିହାର ପର୍ଲ ହାର୍ବୋର ଉପରେ ଜାପାନୀ ଆକ୍ରମଣକୁ ବାଦ ଦେଲେ) ଆମେରିକାରେ ତାଙ୍କୁ କେବଳ ବାଚନିକ ସମାଲୋଚନା ବ୍ୟତୀତ ଅନ୍ୟ କୌଣସି ଅନ୍ତରାୟର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

# ଜାତୀୟତାବାଦୀ କାନ୍ତକବି

ପ୍ରାକ୍-ସ୍ୱାଧୀନତା କାଳରେ ଯେଉଁ ପ୍ରଥିତଯଶା ସାରସ୍ୱତ ସାଧକମାନେ ନିଜର ସୃଷ୍ଟି ମାଧ୍ୟମରେ ଓଡ଼ିଶାର ଜାତୀୟ ଜୀବନକୁ ଋଦ୍ଧିମନ୍ତ କରିଥିଲେ, ସେମାନଙ୍କ ମଧ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ଥିଲେ ଅନ୍ୟତମ। ସେ ଥିଲେ ଭାରତୀୟ ମୁକ୍ତି ଆନ୍ଦୋଳନର ଏକ ଜ୍ୱଳନ୍ତ ଅଗ୍ନିଶିଖା ଓ ଜୀବନ୍ତ ଆଲେଖ୍ୟ। ବ୍ୟକ୍ତିଗତ ଜୀବନରେ ଦୁର୍ଗତି ଭିତରେ ଦୀପଶିଖାଟିଏ ହୋଇ ସେ ଜଳି ଜଳି ନିଃଶେଷ ହୋଇ ଯାଇଥିଲେ। କିନ୍ତୁ ତାଙ୍କ ଶକ୍ତିଶାଳୀ ଲେଖନୀର ଅମୃତ ସ୍ପର୍ଶରେ ସାହିତ୍ୟ ସୃଷ୍ଟି କରି ସେ ଦେଶବାସୀଙ୍କ ଅନ୍ତରରେ ଜାତୀୟତାର କଲ୍ଲୋଳ ଖେଳାଇ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଏବଂ ଅସହଯୋଗ ଆନ୍ଦୋଳନର ଆହ୍ୱାନ ସମସ୍ତ ଦେଶରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରିଥିବା ବେଳେ କାନ୍ତକବିଙ୍କ ସାମନ୍ତ ଜମିଦାର ପରିବାର ତହିଁରୁ ବାଦ୍ ପଡ଼ିନଥିଲେ। କାନ୍ତକବି ନିଜର ପିତା, ଭାଇ, ଭଉଣୀ, ପୁତ୍ରମାନଙ୍କ ସହିତ ଜାତୀୟ ସଂଗ୍ରାମରେ ପ୍ରତ୍ୟକ୍ଷ ଭାବରେ ଭାଗ ନେଇଥିଲେ। ତାଙ୍କର ପିତା ଭାଗବତ ପ୍ରସାଦ ଇଂରେଜ ସରକାରଙ୍କ ଅନ୍ୟାୟ ପ୍ରତିବାଦରେ ବିହାର-ଓଡ଼ିଶା ଲେଜିସ୍‌ଲେଟିଭ କାଉନସିଲ୍‌ର ଭାଇସ୍ ପ୍ରେସିଡେଂଟ (ଉପ-ବାଚସ୍ପତି) ପଦରୁ ଇସ୍ତଫା ଦେଇଥିଲେ। ଭଗ୍ନୀ ଜାହ୍ନବୀ ଦେବୀ (ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ସହଧର୍ମିଣୀ) ଓ କୋକିଳା ଦେବୀ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ମହିଳାମାନଙ୍କ ନେତୃତ୍ୱ ନେଇ ଲବଣ ସତ୍ୟାଗ୍ରହ ସମୟରେ ଇଚୁଁଡ଼ିଠାରେ ଲୁଣ ମାରିଥିଲେ। ଭ୍ରାତା କମଳାକାନ୍ତ (ସେତେବେଳେ ବାଲେଶ୍ୱରରୁ ପ୍ରକାଶିତ ସାପ୍ତାହିକ 'ପ୍ରଜାତନ୍ତ୍ର'ର ସମ୍ପାଦକ)ଙ୍କୁ ବ୍ରିଟିଶ ଶାସକ ସରକାର ବିରୋଧୀ ଲେଖା ପାଇଁ ଗିରଫ କରି ପାଟନା ଜେଲ୍‌ରେ ଷଡ଼ଯନ୍ତ୍ର କରି ହତ୍ୟା କରିଥିଲେ ଏବଂ ଦୁଇ ପୁତ୍ର ନିତ୍ୟାନନ୍ଦ, ଗୌରଚନ୍ଦ୍ର କାରା ବରଣ କରି ଦୀର୍ଘ ସମୟ ପାଇଁ ଜେଲ୍ ଜୀବନ ବିତାଇ ଥିଲେ। ପରାଧୀନତାର ଜ୍ୱାଳା ଓ ଯନ୍ତ୍ରଣା, ବିଦେଶୀ ଶାସନର ଦୌରାତ୍ମ୍ୟ ଓ ତାଡ଼ନା କାନ୍ତକବିଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ତେଣୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଛନ୍ଦବଦ୍ଧ ସଙ୍ଗୀତ ମାଧ୍ୟମରେ ସେ ଓଡ଼ିଆ ଜାତିର ସୁପ୍ତ ପ୍ରାଣରେ ଉଗ୍ର ଜାତୀୟତା ମନୋଭାବ ଉଦ୍ରେକ କରିଥିଲେ। ସତ୍ୟବାଦୀ ସାହିତ୍ୟ ଗୋଷ୍ଠୀର ଉଗ୍ର ଜାତୀୟତାବାଦ ୧୯୨୮ ମସିହାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ପରେ ଶିଥିଳ ପଡ଼ି ଯାଇଥିଲା। ସେହି ପରିପ୍ରେକ୍ଷୀରେ କାନ୍ତକବିଙ୍କର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆବିର୍ଭାବ ଘଟିଥିଲା। ସେତେବେଳେ ତାଙ୍କ ଜ୍ୱାଳାମୟୀ ସଙ୍ଗୀତର ଉଦ୍‌ଘୋଷଣା ସାଧାରଣ ଜନତା ପ୍ରାଣରେ ଉତ୍କଳୀୟତା ସହ ମହାଭାରତୀୟତାର ଉଦ୍ଦୀପନା ସୃଷ୍ଟି କରିଥିଲା। ତାଙ୍କ ଦେଶାତ୍ମବୋଧକ ସଙ୍ଗୀତଗୁଡ଼ିକରେ ଜାତୀୟ ଚେତନାର ଗୁରୁଗମ୍ଭୀର ସ୍ୱର ଏତେ ତୀବ୍ର ଥିଲା ଯେ ଯୁବ ସମାଜ ଜାତୀୟ ସଂଗ୍ରାମର ବହ୍ନି ବଳୟ ଭିତରକୁ ଲମ୍ଫ ପ୍ରଦାନ କରିଥିଲେ। ଏପରିକି କାନ୍ତକବିଙ୍କ ଅଦମ୍ୟ ଜାତୀୟତା ପ୍ରୀତିକୁ ସମ୍ମାନ ଜଣାଇ ଓଡ଼ିଶାର ଅନ୍ୟତମ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ଅଭିନନ୍ଦନ ପତ୍ରରେ ଉଲ୍ଲେଖ କରିଥିଲେ, 'ଆପଣଙ୍କ ଚିନ୍ତା, ଆପଣଙ୍କ ଜାତୀୟତା, ଆପଣଙ୍କ ଲେଖାବଳୀ ଆମ୍ଭମାନଙ୍କୁ ନିରାଶାରେ ଆଶା ଦେଇଛି...। ଶତ ଶତ ଦେଶବାସୀଙ୍କ ସହ ମୁଁ ଆପଣଙ୍କୁ ଶ୍ରଦ୍ଧା ଓ ଭକ୍ତି କରେ। ଆପଣଙ୍କ ଜାତୀୟ ସଙ୍ଗୀତ ମୋ ପରି ବହୁ ତରୁଣ ହୃଦୟରେ ସ୍ପନ୍ଦନ ଆଣି ଦେଇଛି।' କାନ୍ତକବି ତାଙ୍କ ବହୁମୁଖୀ ସାରସ୍ୱତ କାନ୍ତିରେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଉଜ୍ଜ୍ୱଳ କରି ଯାଇଛନ୍ତି। ହାସ୍ୟ ଓ କରୁଣାର ଦୁଇ ବିପରୀତମୁଖୀ ଧାରାକୁ ସେ ତାଙ୍କ ଲେଖନୀରେ ଯେଭଳି ରସ ପ୍ଲାବିତ କରି ଯାଇଛନ୍ତି, ତାହା ଅଭୂତପୂର୍ବ। ତାଙ୍କ ଲେଖନୀ ଥିଲା ଦୁଇଟି ସ୍ୱତନ୍ତ୍ର ଭାବର ଉତ୍ସ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଏନ୍‌ଏଲ୍ସି ଇଣ୍ଡିଆର ଦକ୍ଷତା ବିକାଶ ପଦକ୍ଷେପ:
## ୬୦ ଯୁବତୀ ଓ ମହିଳାମାନଙ୍କୁ ସିଲାଇ ତାଲିମର ସମାପନ ପ୍ରମାଣପତ୍ର ଓ ସିଲାଇ ମେସିନ୍ ବଂଟନ



ଝାରସୁଗୁଡ଼ା,୩୦/୭(ନି/ପ୍ର): ଝାରସୁଗୁଡ଼ାରେ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ଜୀବିକା ସଶକ୍ତୀକରଣ ପାଇଁ ଏନ୍‌ଏଲ୍ସିର ନିରନ୍ତର ପ୍ରୟାସ ସମାବେଶୀ ବିକାଶ, ସମୁଦାୟ କଲ୍ୟାଣ ଏବଂ ସ୍ଥାୟୀ ସାମାଜିକ-ଆର୍ଥିକ ଉନ୍ନତି ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଏନ୍‌ଏଲ୍ସି ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍ସିଆଇଏଲ୍) ଝାରସୁଗୁଡ଼ା ଜିଲ୍ଲାର ଏନ୍‌ଏଲ୍ସି ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ (ଏନ୍‌ଟିପିପି) ଅଧୀନରେ ପ୍ରକଳ୍ପ ପ୍ରଭାବିତ ଓ ବିସ୍ଥାପିତ ପରିବାରଙ୍କ ପାଇଁ ଚାଲିଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସଫଳତାର ସହ ଆଗେଇ ନେଉଛି। ଜୀବିକା ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏପର୍ଯ୍ୟନ୍ତ ମୋଟ ୨୧୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଯାହା ମଧ୍ୟରେ ୩୦ ଜଣ ଯୁବକ-ଯୁବତୀଙ୍କୁ ଇଣ୍ଡଷ୍ଟ୍ରିଆଲ୍ ଇଲେକ୍ଟ୍ରିସିଆନ୍ ଟ୍ରେଡ୍ରେ ଏବଂ ୧୮୦ ଜଣଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର (ଏସ୍‌ଇଟି) ଟ୍ରେଡ୍ରେ ତାଲିମ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କୁ ଶିଳ୍ପ କ୍ଷେତ୍ର ଉପଯୋଗୀ ଦକ୍ଷତା ହାସଲ କରାଇ ସ୍ୱରୋଜଗାର ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି। ଏହା ଏନ୍‌ଏଲ୍ସିଆଇଏଲ୍‌ର ପୁନର୍ବାସ ଓ ପୁନଃସ୍ଥାପନ (ଆର୍ ଆଣ୍ଡ ଆର) ଏବଂ ସମୁଦାୟ ବିକାଶ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପର୍ଯ୍ୟାୟରେ ତରେଇକେଲା, କୁମ୍ଭାରୀ, ତୁମ୍ବେକେଲା ଏବଂ ହ୍ରିର୍ମା ପଂଚାୟତର ବିଭିନ୍ନ ଗ୍ରାମର ୬୦ ଜଣ ଯୁବତୀ ଓ ମହିଳା ମାନଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ଟ୍ରେଡ୍ରେ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନସ୍ଥ ଆପାରେଲ୍, ମେଡ୍-ଅପ୍ସ ଆଣ୍ଡ ହୋମ୍ ଫର୍ନିସିଂ ସେକ୍ଟର ସ୍କିଲ୍ କାଉନ୍ସିଲ୍ ସହଯୋଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସମାବର୍ତ୍ତନ ଓ ସିଲାଇ ମେସିନ୍ ବଂଟନ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଓ ସିଲାଇ ମେସିନ୍ ବଂଟନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଟିପିପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ସନ୍ତୋଷ ସି.ଏସ୍.ଙ୍କ ସମେତ ଏନ୍‌ଏଲ୍ସି ତାଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମରୁ ଅର୍ଜିତ ଦକ୍ଷତାର ସଠିକ୍ ବ୍ୟବହାର କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଆଉ ୬୦ ଜଣ ଯୁବକ-ଯୁବତୀଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ପ୍ରଶିକ୍ଷଣର ନୂତନ ବ୍ୟାଚ୍‌ରେ ସାମିଲ କରାଯାଇଥିଲା। ନବନାମଲେଖା ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କିଟ୍ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ବିଭିନ୍ନ ସରକାରୀ ବିଭାଗ ଓ ଅନୁଷ୍ଠାନରୁ ସିଲାଇ କାମର ଅର୍ଡର ଯୋଗାଇ ଦେବା ପାଇଁ ପ୍ରୟାସ କରିବ, ଯାହା ଦ୍ୱାରା ପ୍ରଶିକ୍ଷାର୍ଥୀମାନେ ସ୍ୱରୋଜଗାର ଓ ସ୍ଥାୟୀ ଆୟର ସୁଯୋଗ ପାଇପାରିବେ। ନୂତନ ବ୍ୟାଚ୍ ଆରମ୍ଭ ସହିତ ଏନ୍‌ଏଲ୍ସିଆଇଏଲ୍ ବର୍ତ୍ତମାନର କାର୍ଯ୍ୟକ୍ରମରେ ମୋଟ ୩୦୦ ଜଣ ଯୁବକ-ଯୁବତୀଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ଟ୍ରେଡ୍ରେ ପ୍ରଶିକ୍ଷଣ ଦେବା ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି। ଏପର୍ଯ୍ୟନ୍ତ ୩୦ ଜଣ ଇଣ୍ଡଷ୍ଟ୍ରିଆଲ୍ ଇଲେକ୍ଟ୍ରିସିଆନ୍ ଏବଂ ୧୮୦ ଜଣ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ପ୍ରଶିକ୍ଷାର୍ଥୀ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରିଥିବାବେଳେ, ଏହି ପଦକ୍ଷେପ ଯୁବପିଢ଼ିଙ୍କ ଆର୍ଥିକ ସଶକ୍ତୀକରଣ, ଉଦ୍ୟମିତା ବିକାଶ ଓ ରୋଜଗାର ସୃଷ୍ଟି ଦିଗରେ ଏନ୍‌ଏଲ୍ସିଆଇଏଲର ଦୀର୍ଘମିଆଦି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ଏନ୍‌ଏଲ୍ସି ଇଣ୍ଡିଆ ଲିମିଟେଡ୍ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସମୁଦାୟ ବିକାଶ ଏବଂ ପୁନର୍ବାସ-ପୁନଃସ୍ଥାପନ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରୁଛି। ଏହା ଦେଶର 'ସ୍କିଲ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ' ଏବଂ ସମାବେଶୀ ଓ ସ୍ଥାୟୀ ବିକାଶର ଜାତୀୟ ଲକ୍ଷ୍ୟ ସହ ସାମଞ୍ଜସ୍ୟ ରକ୍ଷା କରୁଛି। କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳ ହିର୍ମାସ୍ଥିତ ନବନିର୍ମିତ ଡିସ୍ପେନସାରୀ ପରିଦର୍ଶନ କରିଥିଲେ। ଏହାସହ ଏନ୍‌ଏଲ୍ସିଆଇଏଲ୍‌ର ତାପଜ ବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିଥିଲେ।

# ରୋଟାରୀ କ୍ଲବରେ ନୂତନ ନେତୃତ୍ୱଙ୍କ ଦାୟିତ୍ୱ ଗ୍ରହଣ
## ଚିନ୍ମୟ ସଭାପତି, ସୁକାନ୍ତ ସମ୍ପାଦକ; ସ୍ମରଣିକା 'ଦ ହୀରାଚକ୍ର' ଉନ୍ମୋଚିତ



ସମ୍ବଲପୁର,୩୦/୭(ନି/ପ୍ର): ରୋଟାରୀ କ୍ଲବର ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଓ ସମ୍ପାଦକଙ୍କ ଇନଷ୍ଟଲେସନ ସମାରୋହ ଆଡମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଛି। ପୂର୍ବତନ ସଭାପତି ରଶ୍ମି ରଞ୍ଜନ ମହାପାତ୍ର ଓ ସମ୍ପାଦକ ଦେବାଶିଷ ରାଇଗୁରୁଙ୍କ ଠାରୁ ନବନିର୍ବାଚିତ ସଭାପତି ଚିନ୍ମୟ ଶତପଥୀ ଏବଂ ସମ୍ପାଦକ ସୁକାନ୍ତ ମେହେର ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସମାରୋହରେ ରୋଟାରୀର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର (ପିଡିଜି) ଅଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଏବଂ ସହକାରୀ ଗଭର୍ଣ୍ଣର ଡା. ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟକାରିଣୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ରୋଟାରୀ କ୍ଲବର ସଦସ୍ୟ ଓ ସଦସ୍ୟା ମାନେ ମଧ୍ୟ ଉପସ୍ଥିତ ଥିଲେ। ଉଦଘୋଷିକା ରୋଟାରିଆନ ସୀମାନ୍ତିକା ଦାସଙ୍କ ସଂଯୋଜନାରେ ଜାତୀୟ ସଙ୍ଗୀତ ପରିବେଷଣ, ପ୍ରଦୀପ ପ୍ରଜ୍ୱଳନ ଓ ଅତିଥି ମାନଙ୍କୁ ଚାରାଗଛ ପ୍ରଦାନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ୱାଗତ ଭାଷଣ ପରେ ୨୦୨୫-୨୬ ବର୍ଷର ବାର୍ଷିକ କାର୍ଯ୍ୟବିବରଣୀ ଉପସ୍ଥାପନ କରାଯାଇଥିଲା। ପରେ ନୂତନ ସଭାପତି ଓ ସମ୍ପାଦକ ଶପଥ ଗ୍ରହଣ କରି ଦାୟିତ୍ୱ ସମ୍ଭାଳିଥିଲେ। ନବନିର୍ବାଚିତ ସଭାପତି ଚିନ୍ମୟ ଶତପଥୀ ଆସନ୍ତା ବର୍ଷ ପାଇଁ କ୍ଲବର ସେବାମୂଳକ କାର୍ଯ୍ୟକ୍ରମ, ସାମାଜିକ ପଦକ୍ଷେପ ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ସୂଚନା ଦେଇ ଥିବାବେଳେ ସମ୍ପାଦକ ସୁକାନ୍ତ ମେହେର ବର୍ଷବ୍ୟାପୀ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଏହିଅବସରରେ କ୍ଲବର ବାର୍ଷିକ ସ୍ମରଣିକା 'ଦ ହୀରାଚକ୍ର'କୁ ମୁଖ୍ୟ ଅତିଥି ଅଜୟ ଅଗ୍ରୱାଲ ଉନ୍ମୋଚନ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ରୋଟାରିଆନ ଓ ସ୍ୱେଚ୍ଛା ସେବୀ ସଦସ୍ୟଙ୍କୁ ସେବା କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ସହ ସମାରୋହର ସମାପ୍ତି ଘୋଷଣା କରାଯାଇଥିଲା।

# ଆଦର୍ଶ ଶିକ୍ଷକ ପଦ୍ମ ଚରଣ ସାହୁଙ୍କ ପରଲୋକ



ସମ୍ବଲପୁର,୩୦/୭(ନି/ପ୍ର): ବୁର୍ଲା ସହରର ସୁପରିଚିତ ଓ ସମ୍ମାନିତ ଆଦର୍ଶ ଶିକ୍ଷକ, ସମାଜସେବୀ ଏବଂ ସୁଲେଖକ ପଦ୍ମ ଚରଣ ସାହୁଙ୍କ ୯୦ ବର୍ଷ ବୟସରେ ପରଲୋକ ହୋଇଛି ଓ ତାଙ୍କର ଶିକ୍ଷାଦାନ, ନୈତିକ ମୂଲ୍ୟବୋଧ ଓ ସରଳ ଜୀବନ ପାଇଁ ସେ ସମସ୍ତଙ୍କର ପ୍ରିୟ ଓ ସମ୍ମାନିତ ଥିଲେ। ସ୍ଥାନୀୟ ସମ୍ବାଦପତ୍ରରେ ତାଙ୍କର ଚିନ୍ତନଶୀଳ ଲେଖା ସମାଜରେ ନୈତିକତା, ସାମାଜିକ ଦାୟିତ୍ୱ ଓ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତା ପ୍ରସାର କରୁଥିଲା ଓ ପରମ ପୂଜ୍ୟ ଶ୍ରୀ ନିରଞ୍ଜନଜୀ ମହାରାଜଙ୍କ ଜଣେ ନିଷ୍ଠାବାନ ଭକ୍ତ ଭାବେ ସେ ନିରଞ୍ଜନ ମିଶନ ପାଇଁ ଅନେକ ସୁନ୍ଦର ଓଡ଼ିଆ ଭକ୍ତିମୂଳକ ଗୀତ ରଚନା କରିଥିଲେ। ଶିକ୍ଷା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ବହୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଥିଲେ। ମାନବସେବା ପ୍ରତି ତାଙ୍କର ଅତୁଟ ନିଷ୍ଠାର ପରିଚୟ ସ୍ୱରୂପ, ମୃତ୍ୟୁ ପରେ ସେ ଚକ୍ଷୁଦାନ କରିଥିଲେ, ଯାହା ଅନ୍ୟ ଜଣଙ୍କ ଦୃଷ୍ଟି ଫେରାଇବାରେ ସହାୟକ ହେବ। ଏହା ସହିତ ସେ ନିଜର ସମ୍ପୂର୍ଣ୍ଣ ମରଶରୀରକୁ ବୁର୍ଲାସ୍ଥିତ ମେଡିକାଲ ସାଇନ୍ସର ଆନାଟୋମି ବିଭାଗକୁ ଡାକ୍ତରୀ ଶିକ୍ଷା ଓ ଗବେଷଣା ପାଇଁ ଦାନ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ମଧ୍ୟ ସେ ଜଣେ ଶିକ୍ଷକ ଭାବେ ମାନବତାର ସେବା କରିବାର ମହାନ ଉଦାହରଣ ଛାଡ଼ି ଯାଇଛନ୍ତି। ତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ପରିବାର ପକ୍ଷରୁ ଅନ୍ତିମ କାର୍ଯ୍ୟ ସରଳ ଭାବରେ ସମ୍ପନ୍ନ କରାଯାଉଛି ଓ ପରଲୋକ ଗମନ ସମୟରେ ତାଙ୍କ ସହଧର୍ମିଣୀ ଶ୍ରୀମତୀ ଭାଗବତୀ ସାହୁ, ପୁତ୍ର ଓ ବୋହୂ ଅନଙ୍ଗ–ଅଞ୍ଜଳି, କନ୍ଦର୍ପ–ଜ୍ୟୋତ୍ସ୍ନା, ଉପେନ୍ଦ୍ର–ମୀନାକ୍ଷୀ, ମୀନକେତନ–ମାମି, ନାତି ଅଭିନାଶ, ଶିବମ, ସୋହମ ଏବଂ ନାତିବୋହୂ ସୋନାଲି ଉପସ୍ଥିତ ଥିଲେ।

# ଜି.ଏମ୍. ବିଶ୍ୱବିଦ୍ୟାଳୟରେ ଜିଲ୍ଲାସ୍ତରୀୟ 'ନଶାମୁକ୍ତ ଯୁବା ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମ

ସମ୍ବଲପୁର,୩୦/୭(ନି/ପ୍ର): କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନସ୍ଥ ମେରା ଯୁବା ଭାରତ, ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ସହଯୋଗରେ ଜିଲ୍ଲାସ୍ତରୀୟ 'ନଶାମୁକ୍ତ ଯୁବା ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଯୁବପିଢ଼ୀଙ୍କ ମଧ୍ୟରେ ନିଶାମୁକ୍ତ ସମାଜ ଗଠନ ଏବଂ ବିକଶିତ ଭାରତ-୨୦୪୭ର ସଂକଳ୍ପକୁ ସାକାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଜି.ଏମ୍. ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ୀଙ୍କୁ ନିଶାଠାରୁ ଦୂରେଇ ଦେଶ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ଼. ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲ୍ଲାପାଳ, ସମ୍ବଲପୁର ଏବଂ ଶ୍ରୀ ଶାନ୍ତନୁ ପାଢ଼ୀନ, ଜିଲ୍ଲା ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇ ଯୁବମାନଙ୍କୁ ନିଶାମୁକ୍ତ ଭାରତ ଗଠନରେ ଅଗ୍ରଣୀ ହେବାକୁ ଆହ୍ୱାନ କରିଥିଲେ। ମେରା ଯୁବା ଭାରତ, ସମ୍ବଲପୁରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ନୁକ୍କଡ଼ ନାଟକ, ବିତର୍କ, ସ୍ଲାମ୍ ପୋଏଟ୍ରି, ଚିତ୍ରାଙ୍କନ, ସ୍ଲୋଗାନ୍ ଲେଖନ ଓ ସର୍ଟ ଫିଲ୍ମ/ ରିଲ୍ସ ମେକିଂ ସହ ମୋଟ ୮ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନୁକ୍କଡ଼ ନାଟକରେ ସୂର୍ଯ୍ୟ ପାଣିଗ୍ରାହୀ, କମଳଲୋଚନ ପଣ୍ଡା ଓ ମନୋରଞ୍ଜନ ମିଶ୍ର; ନୃତ୍ୟରେ ଦୀପାଲି ଚୌଧୁରୀ ଓ ହିମାଂଶୁ ପ୍ରଧାନ; ସଙ୍ଗୀତରେ ପୁଷ୍ପାଞ୍ଜଳି ଓ ରାଜକୁମାର, ସ୍ଲାମ୍ ପୋଏଟ୍ରିରେ ଡ଼. ସତ୍ୟନାରାୟଣ ଠାକୁର ଓ ଡ଼. ପୁଷ୍ପାଞ୍ଜଳି ରାବଣା; ବିତର୍କରେ ରାଜେନ୍ଦ୍ର ପଣ୍ଡା ଓ ଶାନ୍ତନୁ ପାଢ଼ୀନ, ଚିତ୍ରାଙ୍କନରେ ବନ୍ଦନା ପଣ୍ଡା ଓ ସମୀର ମହାରଣା, ସର୍ଟ ଫିଲ୍ମ ଓ ରିଲ୍ସ ମେକିଂରେ ସୁରେଶ ଏକ୍କା ଓ ମାସୁଦ ଆଲମ୍, ସ୍ଲୋଗାନ୍ ଲେଖନରେ ଡ଼. ସନ୍ଧ୍ୟାରାଣୀ ସାହୁ ଓ ବିନୋଦ ପ୍ରୁସେଠ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ବିଜେତାମାନଙ୍କ ମଧ୍ୟରେ ସର୍ଟ ଫିଲ୍ମ ଓ ରିଲ୍ସ ମେକିଂରେ ପ୍ରଥମ ଅବିନାଶ ବେହେରା, ଦ୍ୱିତୀୟ ଜୀବନ ଜ୍ୟୋତି କହଁର, ତୃତୀୟରେ ଯୋଗେଶ୍ୱରୀ। ସ୍ଲୋଗାନ୍ ଲେଖନରେ ପ୍ରଥମ ବିନତୀ ବରିହା, ଦ୍ୱିତୀୟ ଆଲୋକ ନାଏକ ଓ ତୃତୀୟରେ ଇତିଶ୍ରୀ ନାୟକ ସ୍ଲାମ୍ ପୋଏଟ୍ରିରେ ପ୍ରଥମ ଏମ୍.ଡି. ଜିଶାନ୍ ରସିଦ୍, ଦ୍ୱିତୀୟ ସୁଜାତା ପ୍ରଧାନ ଓ ତୃତୀୟ ଦେବାଶିଷ ସେନ୍ଦ୍ରିୟା। ସଙ୍ଗୀତରେ ପ୍ରଥମ ସୁଶ୍ରୀ ଶ୍ରଦ୍ଧା ମିଶ୍ର, ଦ୍ୱିତୀୟ ପ୍ରୀତମ ପ୍ରିୟରଞ୍ଜନ ଦିଲେଶ ସାହୁ, ତୃତୀୟ ଝାନ୍ସୀ କିସାନ। ନୁକ୍କଡ଼ ନାଟକରେ ପ୍ରଥମ ଭି.ଏସ୍.ଏସ୍.ୟୁ.ଟି., ଦ୍ୱିତୀୟ ପାର୍ବତୀ ଗିରି କଲେଜ ଓ ତୃତୀୟରେ ଏନ୍.ଏସ୍.ସି.ବି. କଲେଜ। ନୃତ୍ୟରେ ପ୍ରଥମ ସରକାରୀ ମହିଳା ମହାବିଦ୍ୟାଳୟ, ଦ୍ୱିତୀୟ ବି.ଜି.ଡି. କଲେଜ, କେଶାଇ ବାହାଲ ଓ ତୃତୀୟରେ ନାକଟିଦେଉଳ ଡିଗ୍ରୀ କଲେଜ। ଚିତ୍ରାଙ୍କନରେ ପ୍ରଥମ ସୁପ୍ରୀତି ବେହେରା, ଦ୍ୱିତୀୟ ଦେବରାଜ ଓରାମ ଓ ତୃତୀୟରେ ଖୁସି ପଟେଲ। ବିତର୍କରେ ପ୍ରଥମ ବୈଷ୍ଣବୀ ଯାଦବ, ଦ୍ୱିତୀୟ ଆଦିତ୍ୟ ନାରାୟଣ ତାଣ୍ଡି ଓ ତୃତୀୟରେ ବ୍ରତତୁ ଚକ୍ର। ଶେଷରେ ଡ଼. ଉମାଚରଣ ପତି ଓ ସୁଧୀର ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ମେରା ଯୁବା ଭାରତ, ସମ୍ବଲପୁରର ଯୁବ ଆଇକନ୍ ଅର୍ପିତା ବେହେରା ସଫଳତାର ସହ ସମାପନ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ଅତିଥି, ବିଚାରକ, ପ୍ରତିଯୋଗୀ, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା।

# ମାଲକାନଗିରିରେ ଏସଆଇଆର ସମୀକ୍ଷା: କ୍ଷେତ୍ର ପରିଦର୍ଶନରେ ସରକାରଙ୍କ ଉପସଚିବ ଜିତେନ୍ଦ୍ର କୁମାର ପାତ୍ର

ମାଲକାନଗିରି,,୩୦/୭(ନି/ପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ସମୀକ୍ଷା ପାଇଁ ସରକାରଙ୍କ ଉପସଚିବ ଜିତେନ୍ଦ୍ର କୁମାର ପାତ୍ର ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଏହି ଗସ୍ତକାଳରେ ସେ ଜିଲ୍ଲାର କ୍ଷେତ୍ର ସ୍ତରୀୟ କାର୍ଯ୍ୟକଳାପର ଉଚ୍ଚସ୍ତରୀୟ ଅନୁଧ୍ୟାନ କରିବା ସହ ଏସ ଆଇଆର ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶେଷ କରି ଜିଲ୍ଲାରେ ନୋଟିସ୍ ପ୍ରସ୍ତୁତି, ବଣ୍ଟନ, ଶୁଣାଣି ଏବଂ ବିଭିନ୍ନ ମାମଲା ଗୁଡ଼ିକର ତ୍ୱରିତ ନିଷ୍ପତ୍ତିର ଅଗ୍ରଗତି ନେଇ ସେ ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ବ୍ୟାପକ ଆଲୋଚନା କରିଛନ୍ତି। ଏହା ସହିତ ସେ ଜିଲ୍ଲାର ମନୋନୀତ ଏଇଆରଓ କାର୍ଯ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ଅନୁଧ୍ୟାନ କରିବା ସହ ସେଠାରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର ଏବଂ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀମାନଙ୍କ ସହ ଏସଆଇଆର ପ୍ରକ୍ରିୟାର ସଫଳ ତଥା ସ୍ୱଚ୍ଛ କାର୍ଯ୍ୟକାରିତା ସମ୍ପର୍କରେ ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି। ଏହି କ୍ରମରେ ଉପସଚିବ ଶ୍ରୀ ପାତ୍ର ଖଇରପୁଟ ତହସିଲ କାର୍ଯ୍ୟାଳୟ ଗସ୍ତ କରି ଏସଆଇଆର-୨୦୨୬ ଅଧୀନରେ ଚାଲିଥିବା ଦାବି ଓ ଆପତ୍ତି ନୋଟିସ୍ର ଶୁଣାଣି ପ୍ରକ୍ରିୟାର କ୍ଷେତ୍ର ସ୍ଥିତି ନିରୀକ୍ଷଣ କରିଛନ୍ତି। ଏହି ପରିଦର୍ଶନ ସମୟରେ ୧୪୬-ମାଲକାନଗିରି ବିଧାନସଭା ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଖଇରପୁଟର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଖଇରପୁଟର ଏଇଆରଓ ତଥା ତହସିଲଦାର ତାଙ୍କ ସହ ଉପସ୍ଥିତ ରହି ପ୍ରକ୍ରିୟା ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଉପସଚିବ ସ୍ଥାନୀୟ ମୁଦୁଲିପଡ଼ା ଅଚଂଳ ଗସ୍ତ କରି ସେଠାକାର ଭୋଟରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ନାଗରିକମାନଙ୍କ ସହ ଏସଆଇଆର-୨୦୨୬ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରଶାସନିକ କିମ୍ବା ବୈଷୟିକ ଆହ୍ୱାନ ସମ୍ପର୍କରେ ପଚାରି ବୁଝିଛନ୍ତି ଏବଂ ଏହାର ଉଚିତ ପ୍ରତିକାର ପାଇଁ ଆଶ୍ୱାସନା ଦେଇଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମ ଅବସରରେ ଉପସଚିବ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି, ଏସଆଇଆର ପ୍ରକ୍ରିୟାରେ ସମସ୍ତ ନୋଟିସ୍‌ର ଶୁଣାଣି ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ, ତାହା ନିଶ୍ଚିତ କରାଯାଉ। କୌଣସି ବି ପରିସ୍ଥିତିରେ ଯେପରି ଜଣେ ବି ସାଧାରଣ ଯୋଗ୍ୟ ନାଗରିକ ନିଜର ଗଣତାନ୍ତ୍ରିକ ଭୋଟ୍ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ଏବଂ ପ୍ରଶାସନିକ ସ୍ତରରେ ଜନସାଧାରଣ କିମ୍ବା ବୟୋଜ୍ୟେଷ୍ଠ ବୃଦ୍ଧବୃଦ୍ଧାମାନଙ୍କୁ ଯେପରି କୌଣସି ଅଯଥା ହଇରାଣ ବା ମାନସିକ ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପ୍ରତି ସମସ୍ତ ନିର୍ବାଚନ ଅଧିକାରୀ ଅତି ସମ୍ବେଦନଶୀଳତାର ସହ କାର୍ଯ୍ୟ କରନ୍ତୁ।

# ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ-'ଉନ୍ମେଷ' ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କ ବେସଲାଇନ୍ ପରୀକ୍ଷା



ଝାରସୁଗୁଡ଼ା,୩୦/୭(ନି/ପ୍ର): ଆଗାମୀ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ୨୦୨୬-୨୭ରେ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉତ୍କର୍ଷତା ହାସଲ ତଥା ଏ ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ-'ଉନ୍ମେଷ' ପାଇଁ ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ବେସଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ନବମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଷାଠିଏ ପ୍ରତିଶତରୁ ଅଧିକ ନମ୍ବର ପାଇଥିବା ଜିଲ୍ଲାର ୯୪ଟି ଉଚ୍ଚ ବିଦ୍ୟାଳୟରୁ ୫୭୩ ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ଆବଂଟନ କରାଯାଇଥିବା ବେଳେ ୫୭୦ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାର ଚଉଦଟି ପରୀକ୍ଷା କେନ୍ଦ୍ରରେ ସୁଚାରୁ ଓ ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା କରିବା ପାଇଁ ପ୍ରତି କେନ୍ଦ୍ରରେ ଜଣେ ଲେଖାଏଁ କେନ୍ଦ୍ର ଅଧିକ୍ଷକ ଓ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଥିଲା। ଏହି ବେସଲାଇନ୍ ପରୀକ୍ଷା ମାଧ୍ୟମରେ ମୋଟ ଦୁଇ ଶହ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସ୍ୱତନ୍ତ୍ର ଶିକ୍ଷଣ ସହାୟତା, ନିୟମିତ ମାର୍ଗଦର୍ଶନ ଓ ପର୍ଯ୍ୟାୟକ୍ରମିକ ମୂଲ୍ୟାଙ୍କନର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କ ଦକ୍ଷତାର ବିକାଶ ଘଟାଇ ସେମାନଙ୍କୁ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ୨୦୨୬-୨୭ରେ ଉଲ୍ଲେଖନୀୟ ସଫଳତା ହାସଲ କରାଇବା ସହିତ ଜିଲ୍ଲାରେ ଏ ୧ ସଂଖ୍ୟା ବୃଦ୍ଧି ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୨୦୨୪-୨୫ରେ ୫୦ ଜଣ ଓ ୨୦୧୫-୨୬ରେ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯାହାଦ୍ୱାରା ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଜିଲ୍ଲାର ଫଳାଫଳ କ୍ରମାଗତ ବୃଦ୍ଧି ପାଇବା ସହିତ ଏ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ଚଳିତ ଶିକ୍ଷା ବର୍ଷରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ମାର୍ଗଦର୍ଶନରେ ଦୁଇ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଗଡ଼ତିଆ ପ୍ରକାଶ କରିଛନ୍ତି।

# ଗୋମାତାଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ କରାଯାଉ

ଝାରସୁଗୁଡ଼ା, ୩୦/୭(ନି/ପ୍ର): ସାରା ଦେଶରେ ଗୋମାତାଙ୍କ ସୁରକ୍ଷା, ସଂରକ୍ଷଣ ଏବଂ ଜାତୀୟ ସମ୍ମାନ ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ସୋମବାର ଝାରସୁଗୁଡ଼ା ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୨୦୨୬ ଏପ୍ରିଲରେ ଦେଶର ୫,୧୦୦ରୁ ଊର୍ଦ୍ଧ୍ୱ ତହସିଲରୁ ୫.୨୫ କୋଟିରୁ ଅଧିକ ନାଗରିକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ସରକାରଙ୍କୁ ପ୍ରଦାନକରାଯାଇଥିଲା। ତେବେ ଏପର୍ଯ୍ୟନ୍ତ ଏହି ସମ୍ବେଦନଶୀଳ ବିଷୟରେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ତେଣୁ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯାନ ପକ୍ଷରୁ ଦାବିପତ୍ର ଜରିଆରେ ପୁନର୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଗୋ-ସେବା, ସୁରକ୍ଷା ଏବଂ ସମ୍ପୂର୍ଣ୍ଣ ସଂରକ୍ଷଣ ନିଶ୍ଚିତ କରିବା ପାଇଁ ଏକ ସ୍ୱତନ୍ତ୍ର ଗୋ-ପାଳନ ମନ୍ତ୍ରଣାଳୟ ଗଠନ କରାଯାଉ। ଦେଶସାରା ଗୋମାତାଙ୍କୁ ଜାତୀୟ ସମ୍ମାନ ଏବଂ ଆଇନଗତ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପରିବେଶ ସୁରକ୍ଷା ଓ କାଗଜର ସଦୁପଯୋଗକୁ ଦୃଷ୍ଟିରେ ରଖି ସାରାଦେଶରୁ ସଂଗୃହୀତ ସ୍ୱାକ୍ଷରର ଡିଜିଟାଲ କପି ବା ପେନ୍ଡ୍ରାଇଭମାଧ୍ୟମରେ ଦାଖଲ କରାଯାଇଛି।

# ଝାରସୁଗୁଡ଼ା ଜିଲ୍ଲାରେ ପ୍ରବଳ ବର୍ଷା; ୨୪ ଘଣ୍ଟାରେ ହାରାହାରି ୫୧.୮୬ ମି.ମି. ବୃଷ୍ଟିପାତ

ଝାରସୁଗୁଡ଼ା,୩୦/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଗତ ୨୪ ଘଣ୍ଟା ଧରି ଲଗାତାର ବର୍ଷା ଯୋଗୁଁ ଜନଜୀବନ ଉପରେ ଆଂଶିକ ପ୍ରଭାବ ପଡ଼ିଥିବା ବେଳେ କୃଷି କ୍ଷେତ୍ର ପାଇଁ ଏହି ବର୍ଷା ଆଶୀର୍ବାଦ ସଦୃଶ ପ୍ରମାଣିତ ହୋଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ପ୍ରକାଶିତ ୨୮ ଜୁଲାଇ ୨୦୨୬ର ବର୍ଷା ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୫ଟି ବ୍ଲକରେ ମୋଟ ୨୫୩.୩ ମିଲିମିଟର ବୃଷ୍ଟିପାତ ରେକର୍ଡ ହୋଇଥିବାବେଳେ ହାରାହାରି ବୃଷ୍ଟିପାତ ୫୧.୮୬ ମିଲିମିଟର ରହିଛି। ରିପୋର୍ଟ ଅନୁସାରେ, ଝାରସୁଗୁଡ଼ା ବ୍ଲକରେ ସର୍ବାଧିକ ୭୪.୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହାପରେ କୋଲାବିରାରେ ୫୬.୦ ମି.ମି., କିର୍ମିରାରେ ୪୮.୦ ମି.ମି., ଲଖନପୁରରେ ୪୬.୮ ମି.ମି. ଏବଂ ଲଇକେରାରେ ୩୪.୨ ମି.ମି. ବୃଷ୍ଟିପାତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିବାରୁ ନଦୀ, ନାଳ ଓ ଜଳାଶୟଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସହ ଚାଷଜମିରେ ଜଳର ଉପଲବ୍ଧତା ବଢ଼ିଛି।




## ଶ୍ରାବଣ ମାସର ଆରମ୍ଭକୁ ନେଇ ଧବଳେଶ୍ୱର ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଏବଂ ରୁଦ୍ରାଭିଷେକ



ରାଉରକେଲା,୩୦/୭(ନି/ପ୍ର):ରାଉରକେଲା ସହର ତଥା ଇସ୍ପାତ ଆଚଂଳ ଗୁଡ଼ିକର ସମସ୍ତ ଶିବାଳୟରେ ଶ୍ରାବଣ ମାସର ଆରମ୍ଭ ଅବସରରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଛି । ଏହି କ୍ରମରେ ଦେବଗାଁର ତରକେରା ସ୍ଥିତ ବାବା ଧବଳେଶ୍ୱର ଶିବ ମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ଜମିଥିଲା । ମନ୍ଦିରର ସଂସ୍ଥାପକ ସଦସ୍ୟ ରବି ଦେହୁରୀଙ୍କ ସମେତ ମୁଖ୍ୟ ପଣ୍ଡିତ ବୀରଚିଂ ଦେହୁରୀ, ଶଙ୍କର ନାୟକ, ଅରୁଣ ତ୍ରିପାଠୀ, ଜଗନ୍ନାଥ ଦେହୁରୀ, ଜଗା ଦେହୁରୀ, ହୃଷୀକେଶ ଦେହୁରୀ ଏବଂ ଅନ୍ୟାନ୍ୟ ପଣ୍ଡିତମାନଙ୍କ ଦ୍ୱାରା ରୁଦ୍ରାଭିଷେକ ପାଠ କରାଯାଇଥିଲା । ଆଜି ମନ୍ଦିର ପରିସରରେ ଚାରୋଟି ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଯଜମାନମାନେ ପତ୍ନୀଙ୍କ ସହ ଉପବେଶନ କରି ପୂଜାଚର୍ଚ୍ଚାରେ ସାମିଲ ହୋଇଥିଲେ । ଏହି ଅବସରରେ ରୁଦ୍ରାଭିଷେକରେ ବସିଥିବା ଯଜମାନମାନଙ୍କର ପରିବାରବର୍ଗ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆଜି ମୁଖ୍ୟ ପୂଜାରୀ ବୀରଚିଂ ଦେହୁରୀଙ୍କ ଦ୍ୱାରା ସକାଳ ୪ଟାରୁ ଭୋଳାନାଥଙ୍କ ପୂଜାଚର୍ଚ୍ଚା ଆରମ୍ଭ କରାଯାଇଥିଲା । ମନ୍ତ୍ରୋଚାରଣ ସହିତ ପଣ୍ଡିତମାନଙ୍କ ଦଳ ଦ୍ୱାରା ବିଧିବଦ୍ଧ ଭାବେ ପୂଜାପାଠ କରାଯାଇଥିଲା, ଯାହାପରେ ଶିବଭକ୍ତମାନଙ୍କ ଦ୍ୱାରା ଭୋଳାନାଥଙ୍କ ଉପରେ ଜଳ ଅର୍ପଣ କରାଯାଇଥିଲା । ଏହି ଅବସରରେ ଭୋଳାନାଥଙ୍କୁ ଫୁଲରେ ସୁନ୍ଦର ଭାବେ ଶୃଙ୍ଗାର ମଧ୍ୟ କରାଯାଇଥିଲା । ଭକ୍ତମାନଙ୍କ ଦ୍ୱାରା ବେଲପତ୍ର ଓ ଫୁଲ ଅର୍ପଣ କରାଯାଇଥିଲା । ଆଜି ମନ୍ଦିର ପରିସରରେ ଶ୍ରାବଣ ମାସର ଆରମ୍ଭକୁ ନେଇ ଭକ୍ତମାନଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ରେଳଷ୍ଟେସନ ସ୍ଥିତ ସଙ୍କଟ ମୋଚନ ମନ୍ଦିର ପରିସରରେ ଥିବା ଶିବଲିଙ୍ଗରେ ଭକ୍ତମାନଙ୍କ ଦ୍ୱାରା ଜଳାଭିଷେକ କରାଯାଇଥିଲା । ମନ୍ଦିରର ପୂଜାରୀ ସୁଦାମା ପାଣ୍ଡେଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂଜାଚର୍ଚ୍ଚା କରାଯାଇଥିଲା । ସକାଳୁଁ ହିଁ ମନ୍ଦିରରେ ଭକ୍ତମାନଙ୍କର ଯିବାଆସିବା ଦେଖିବାକୁ ମିଳିଥିଲା । ସେହିପରି ହନୁମାନ ବାଟିକା ଶିବ ମନ୍ଦିରର ଜ୍ୟୋତିର୍ଲିଙ୍ଗରେ ଭକ୍ତମାନଙ୍କ ଦ୍ୱାରା ଜଳ ଅର୍ପଣ କରାଯାଇଥିଲା । ସେହିପରି ଉଦିତନଗର ପଟଂଦେବ କଲଚରାଲ ଟ୍ରଷ୍ଟ ମନ୍ଦିର ପରିସରସ୍ଥିତ ଶିବ ମନ୍ଦିରରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା । ମନ୍ଦିରର ପୂଜାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂଜାଚର୍ଚ୍ଚା କରାଯାଇଥିଲା । ଏହାପରେ ଭକ୍ତମାନଙ୍କ ଦ୍ୱାରା ଜଳ ଅର୍ପଣ ଏବଂ ପୂଜାପାଠ କରାଯାଇଥିଲା । ସେହିପରି ସେକ୍ଟର-୩ ଅହିରୋବନ୍ଧ ଜଗନ୍ନାଥ ମନ୍ଦିର ପରିସରସ୍ଥିତ ଶିବ ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ପୂଜାଚର୍ଚ୍ଚା କରାଯାଇଥିଲା । ଏହିପରି ଭାବେ ଇସ୍ପାତ ସହରର ଅନେକ ଶିବାଳୟରେ ଶ୍ରାବଣର ଆରମ୍ଭକୁ ନେଇ ଭକ୍ତମାନଙ୍କ ଦ୍ୱାରା ପୂଜାଚର୍ଚ୍ଚା କରାଯାଇଥିଲା ।

## କୋଇଡ଼ାରେ ଅଭାବନୀୟ ଘଟଣା

### ପାଇଖାନା ଟାଙ୍କି ଗାତ ନେଲା ଦୁଇ କଅଁଳ ଜୀବନ

କୋଇଡ଼ା,୩୦/୭(ନି/ପ୍ର): ପାଇଖାନା ଟାଙ୍କି ନିର୍ମାଣ ପାଇଁ ଖୋଳାଯାଇଥିବା ଗାତରେ ପଡ଼ି ଦୁଇ ଭାଇ ଭଉଣୀ ମୃତ । କୋଇଡ଼ା ଥାନାରୁ ୨ କିଲୋମିଟର ଦୂରରେ କାଦୋଡ଼ିହା ଗାଁର ଶମ୍ଭୁ ଭୁମିଜ ଓ ସ୍ତ୍ରୀ ଗଙ୍ଗା ଭୁମିଜ୍ ଘରେ ଖାଉଥିବା ବେଳେ ତାଙ୍କର ୫ ବର୍ଷ ଝିଅ ପ୍ରିୟା ନିଜ ୩ ବର୍ଷର ଭାଇ ମନୋଜକୁ ନେଇ ଘର ବାହାରକୁ ଯାଇଥିଲେ । ହେଲେ ଘର ୩୦୦ ମିଟର୍ ଦୁରରେ ପାଇଖାନା ଟାଙ୍କି ପାଇଁ ଖୋଳାଯାଇଥିବା ଗାତରେ ପାଣି ଭରି ରହିଥିବା ବେଳେ ଏହି ଗଭୀର ଗାତରେ ପଡିଯାଇଥିଲେ । ବହୁ ସମୟ ପରେ ନଫେରିବାରୁ ବାହାରକୁ ଯାଇ ଶୁଣିଲା ବେଳକୁ ଦୁଇ ଜଣ ବୁଡି ରହିଥିଲେ । ଗ୍ରାମବାସୀ ମାନେ ଉଦ୍ଧାର କରି କୋଇଡ଼ା ହସପିଟାଲକୁ ନେଇଥିଲେ ଯେଉଁଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ପିଲାଙ୍କ ମୃତ୍ୟୁ ଖବର ପାଇଁ ଅସୁସ୍ଥ ହୋଇପଡ଼ିଛନ୍ତି ତାଙ୍କ ମାଆ । ଗୁରୁତର ଭାବେ ହସପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ପୁଲିସ୍ ଖବର ଆଧାରରେ ତଦନ୍ତ ଜାରି ରଖିଛି ।

## ବଣାଇଁ ଆରସିଏମଏସର ପୂର୍ବତନ ସଚିବ ଧୀରେନ୍ଦ୍ର କୁମାର ଶତପଥୀ ଭିଜିଲାନ୍ସ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ

ରାଉରକେଲା,୩୦/୭(ନି/ପ୍ର): ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଦାୟର ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ନିବାରଣ ମାମଲାରେ ସୁନ୍ଦରଗଡ ଜିଲ୍ଲା ବଣାଇଁ ଆଂଚଳିକ ସମବାୟ ମାର୍କେଟିଂ ସୋସାଇଟି (ଆରସିଏମଏସ)ର ପୂର୍ବତନ ସଚିବ ଧୀରେନ୍ଦ୍ର କୁମାର ଶତପଥୀଙ୍କୁ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟ, ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ସୂଚନା ଅନୁସାରେ ଆଜି କୋର୍ଟ ପକ୍ଷରୁ ପ୍ରକାଶିତ ରାୟରେ ସୁନ୍ଦରଗଡ ଜିଲ୍ଲା ବଣାଇଁ ଆଂଚଳିକ ସମବାୟ ବିପଣନ ସମାଜ (ଜଉଗଝ)ର ଅବସରପ୍ରାପ୍ତ ସଚିବ ଧୀରେନ୍ଦ୍ର କୁମାର ଶତପଥୀଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ପିସି ଆଇନ, ୧୯୮୮/୪୦୯ ଓଚଉ ର ଧାରା ୧୩(୨) କ୍ୱ/ଙ୍ଗ ୧୩(୧)(ମ)(ୟ) ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ କରାଯାଇଛି । ୨୦୦୩-୨୦୦୪ ମସିହାରେ ଜଉଗଝ, ବୋନାଇର ସାର ଖର୍ଚ୍ଚ ପାଇଁ ସରକାରୀ ଅର୍ଥର ଅପବ୍ୟବହାର ପାଇଁ ଚାର୍ଜସିଟ୍ କରାଯାଇଥିଲା । ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଶ୍ରୀ ଶତପଥୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ବଣାଇଁ ଆରସିଏମ୍ଏସର ଅବସରପ୍ରାପ୍ତ ସଚିବ ଧୀରେନ୍ଦ୍ର କୁମାର ଶତପଥୀଙ୍କୁ କୋର୍ଟ ୨ ବର୍ଷ ସଶ୍ରମ କାରାଦଣ୍ଡ ସହିତ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି ।

## ପବିତ୍ର ଗୁରୁ ପୂର୍ଣ୍ଣିମା ମହୋତ୍ସବ ଭାରତୀୟ ବୈଦିକ ରୀତି, ସଂସ୍କୃତି ଓ ପରମ୍ପରାର ପ୍ରତୀକ



ରାଉରକେଲା,୩୦/୭(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ସେକ୍ଟର -୧୯ ସ୍ଥିତ କମ୍ୟୁନିଟ ସେଟଂର ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇ ଥିଲା । ଏହି ପବିତ୍ର ଦିନରେ ସର୍ବ ପ୍ରଥମେ ବୈଦିକ ରୀତି ଅନୁଯାଇ ତପସ୍ୱିନୀ ସାହୁ ଓ ପ୍ରଭାତୀ ବେହେରାଙ୍କ ପୌରୋହିତ୍ୟରେ ସମସ୍ତଙ୍କ ମଙ୍ଗଳାର୍ଥେ ହବନ୍ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହପ୍ରଭାରୀ ଅଙ୍କୁର ମାର୍ଥା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ବୈଦିକ ରୀତି ଅନୁଯାୟୀ ସମାରୋହକୁ ଶୁଭାରମ୍ଭ କରିଥିଲେ । ଶ୍ରୀ ମାର୍ଥା ତାଙ୍କ ବୈଦିକ ଭାଷଣରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ । ସେ ପବିତ୍ର ଗୁରୁ ପୂର୍ଣ୍ଣିମାର ଉଦେଶ୍ୟ ଓ ମହତ୍ ଉପରେ ଆଲୋଚନା କରିଥିଲେ । ଆଜି ଦିନ ଟି ମହର୍ଷି ବେଦବ୍ୟାସଙ୍କ ଜନ୍ମ ତିଥି ହୋଇ ଥିବାରୁ ଏହାର ମହତ୍ୱ ଅତି ଗୁରୁତ୍ୱ ବୋଲି ପ୍ରକାଶ କରିଥିଲେ । ସେ ୧୮ ପୁରାଣ ଓ ମହା ଭାରତର ରଚୟିତା ଥିଲେ । ସମାଜ , ଦେଶ ଓ ବିଶ୍ୱର ଉଜ୍ୱଳ ଭବିଷ୍ୟତ ଓ ସମୃଦ୍ଧି ଗୁରୁଙ୍କ ମହତ ବାଣୀକୁ ଅନୁସରଣ କଲେ ସମ୍ଭବ ହେବ ବୋଲି କହିଥିଲେ । ଆମ ବୈଦିକ ରୀତି ଓ ସଂସ୍କୃତିକୁ ପାଳନ କରିବା ସହିତ ଏହାକୁ ବିଶ୍ୱରେ ପ୍ରଚାର ପ୍ରସାର କରିବା ଆମର ଗୁରୁ ଦାୟିତ୍ୱ ଅଟେ । ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନି ସ୍ୱାଇଁ, ଜିଲ୍ଲା ବି ଏସ ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା କିଷାନ୍ ପ୍ରଭାରୀ ପୀତବାସ ପ୍ରଧାନ ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର ଗୁରୁପୂର୍ଣ୍ଣିମା ପର୍ବର ସ୍ମୃତି ଚାରଣ ସହିତ ନିଜର ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଜିଲ୍ଲା ମହିଳା ସଙ୍ଗଠନ ମନ୍ତ୍ରୀ ସନ୍ଧ୍ୟାରାନୀ ସାହୁ , ଜିଲ୍ଲା ମହିଳା କୋଷାଧ୍ୟକ୍ଷା ବିଷ୍ଣୁପ୍ରିୟା ଦାଶ, ଜିଲ୍ଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି, ଜିଲ୍ଲା ମହାବିଦ୍ୟାଳୟ ପ୍ରଭାରୀ ସସ୍ମିତା ସାହୁ, ଜିଲ୍ଲା ବିସ୍ତାରକ ଅଜିତ୍ ପୃଷ୍ଟି, ବରିଷ୍ଠ ଯୋଗ ଶିକ୍ଷକ ବିନୋଦ ଭୋଇ, ଅନୁସୂୟା ବାରିକ, କଳ୍ପନା ପଣ୍ଡା, କଳ୍ପନା କୁମ୍ଭାର, ସୀତା ମୁର୍ମୁ, ନିବେଦିତା ବେହେରା, ମମତା ରାଉତ, ରେଣୁ ତନ୍ତୀ, ଉର୍ମିଳା ସାହୁ, ଗୀତାଞ୍ଜଳୀ ବେହେରା, ବିଜୟଲକ୍ଷ୍ମୀ ମହାନ୍ତ, ରେଣୁ ଖଣ୍ଡୱାଲ, ହରେ କୃଷ୍ଣ ସାହୁ, ଧବଳେଶ୍ୱର ବିଶ୍ୱାଳ, ରେବତୀ ବେହେରା, ପ୍ରିୟଦର୍ଶନୀ ପାଢ଼ୀ, ବିଜୟନୀ ମହାନ୍ତି , ମଧୁସ୍ମିତା ରାଉତ, ସସ୍ମିତା ବେହେରା, ମିନତୀ ନାୟକ, ଚମ୍ପାବତୀ ମହାନ୍ତ, ଅମୀୟ ଲତା ସାହୁଙ୍କ ସମେତ ବହୁ ଯୋଗ ଶିକ୍ଷକ, ସାଧକ ସାଧିକା ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇ ଛନ୍ତି ।

## ରାଜ୍ୟସ୍ତରୀୟ ଭାରତୋଳନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ଗଙ୍ଗୋତ୍ରୀ ଓ କୃଷ୍ଣଙ୍କୁ ସିଲଭର ମେଡାଲ

କେନ୍ଦ୍ରାପଡ଼ା,୩୦/୭(ନି/ପ୍ର): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଭାରତୋଳନ ସଂଘର ମିଳିତ ସହଯୋଗରେ ଚଳିତ ମାସ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଭାରତୋଳନ କେନ୍ଦ୍ର ଠାରେ ରାଜ୍ୟସ୍ତରୀୟ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଭାରତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ବାଳକ ବର୍ଗର ୬୦ କିଲୋଗ୍ରାମ ଓଜନ ବିଭାଗରେ ପଟ୍ଟାମୁଣ୍ଡାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର କୃଷ୍ଣ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ହାସଲ କରିଥିବାବେଳେ, ୧୪ ବର୍ଷରୁ କମ୍ ବାଳିକା ବର୍ଗର ୫୫ କିଲୋଗ୍ରାମ ଓଜନ ବିଭାଗରେ କେନ୍ଦ୍ରାପଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଗଙ୍ଗୋତ୍ରୀ ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ ଜିତିଛନ୍ତି । ଉଭୟ ପ୍ରତିଯୋଗୀ ପ୍ରତିଯୋଗିତାର ମୁଖ୍ୟ ଅତିଥିମାନଙ୍କ ଠାରୁ ସିଲଭର ମେଡାଲ ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ । ସେମାନଙ୍କର ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର କୁମାର ମଲ୍ଲିକ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ପାଣି ଯିବାପାଇଁ ରାସ୍ତା କଡରୁ ଜେସିବି ଦ୍ୱାରା ଅଳିଆ ଉଠାଇଲା ରାଉରକେଲା ଇସ୍ପାତ କାରଖାନା



ରାଉରକେଲା,୩୦/୭(ନି/ପ୍ର): ରାସ୍ତା କଡ଼ରେ ପଡିରହିଥିବା ଅଳିଆକୁ ଜେସିବି ଦ୍ୱାରା ରାଉରକେଲା ମହାନଗର ନିଗମ ପକ୍ଷରୁ ଉଠାଯିବା ପରେ ପାଣି ନିଷ୍କାସନ ସୁରୁଖୁରୁରେ ହୋଇପାରିଛି । ଲଘୁଚାପ ଯୋଗୁଁ ରାଉରକେଲା ସହରରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଇସ୍ପାତ ସହରାଚଂଳ ଏବଂ ରାଉରକେଲା ସହର ସମେତ ଜନବସତି ଅଚଂଳରେ ବର୍ଷା ପାଣି ଘର ଭିତରେ ପ୍ରବେଶ କରିଥିଲା । ବର୍ଷାପାଣି ବିଭିନ୍ନ ଜନବସତି ଅଚଂଳରେ ପ୍ରବେଶ କରିଥିଲା । ବିଶେଷକରି ପାନପୋଷର ଜଗନ୍ନାଥ କଲୋନୀ, ଗୋପବନ୍ଧୁପାଲି ଖଟାଲ ବସ୍ତି, ରାଉରକେଲା ରେଳ ଷ୍ଟେସନର ପଚଂମ ଫାଟକ ସମ୍ମୁଖ ଜନବସତି, ଟିସିଆଇ ଛକ ନିକଟସ୍ଥ ବସ୍ତି, ବାଲୁଘାଟ ବସ୍ତିରେ ପ୍ରବଳ ବର୍ଷା ଯୋଗୁଁ ବର୍ଷା ପାଣି ପ୍ରବେଶ କରିଥିଲା । ଏଥିସହିତ ଆରଏସପି ଡମ୍ପିଂ ୟାର୍ଡକୁ ଯାଇଥିବା ରାସ୍ତା କଡ଼ରେ ଥିବା ପାଚେରୀ ମଧ୍ୟ ଭୁଶୁଡ଼ି ପଡ଼ିଥିଲା । ଅନେକ ସ୍ଥାନରେ ଆରଏସପି ପାଚେରୀ ତଳ ଅଂଶରୁ ପାଣି ବାହାରି ରାସ୍ତା ଉପରେ ପ୍ରବାହିତ ହୋଇ ଡମ୍ପିଂ ୟାର୍ଡରୁ ରାଉରକେଲାକୁ ଯାଉଥିବା ରାସ୍ତା ଉପରେ ପାଣି ମଧ୍ୟ ପ୍ରବାହିତ ହେଉଛି । ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବହୁତ ଅସୁବିଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ, ଆରଏସପି ପକ୍ଷରୁ ଆଜି ଜେସିବି ସାହାଯ୍ୟରେ ସଫେଇ କାର୍ଯ୍ୟ କରାଯାଇଛି । ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ଡମ୍ପିଂ ୟାର୍ଡରୁ ଫର୍ଟିଲାଇଜରକୁ ଯାଇଥିବା ରାସ୍ତାରେ ଜମା ହୋଇଥିବା ଅଳିଆକୁ ଆଜି ସଫା କରାଯାଇଛି । ଅଳିଆ ସଫା କରାଯିବା ପରେ ଜମା ହୋଇ ରହିଥିବା ପାଣି ନିଷ୍କାସନ ମଧ୍ୟ କରାଯାଇଥିଲା । ଏହା ରାସ୍ତାରେ ଯାଉଥିବା ଲୋକଙ୍କୁ ଆଶ୍ୱସ୍ତି ଦେଇଛି । ପ୍ରତିଦିନ ହଜାର ହଜାର ଲୋକ ଡମ୍ପିଂ ୟାର୍ଡକୁ ଯାଉଥିବା ଆରଏସପି କର୍ମଚାରୀଙ୍କ ସମେତ ଫର୍ଟିଲାଇଜର ଦେଓଗାଁ ଏବଂ ଲାଠିକଟା ଯାଉଥିବା ଲୋକମାନେ ବହୁତ ଆଶ୍ୱସ୍ତି ପାଇଥିଲେ । ଛୋଟ ଯାନବାହନ ସହିତ ବାଇକ୍ ଆରୋହୀମାନେ ଉକ୍ତ ଅଚଂଳକୁ ଯିବା ପାଇଁ ଏହି ରାସ୍ତା ବ୍ୟବହାର କରିଥାନ୍ତି । ଲୋକମାନେ ଆରଏସପିର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ।

## 'ନବଯୁବକ କାୱଡ଼ିଆ ସଂଘ'ର କାୱଡ଼ିଆଙ୍କ ବାବା ଧାମ ଯାତ୍ରା



ରାଉରକେଲା,୩୦/୭(ନି/ପ୍ର): 'ନବଯୁବକ କାୱଡ଼ିଆ ସଂଘ' ରାଉରକେଲାର ୬୦ ଜଣ କାୱଡ଼ିଆଙ୍କ ଏକ ଦଳ/ମଣ୍ଡଳୀ ବାବା ଧାମ ଯିବା ପାଇଁ ରାଉରକେଲା ଷ୍ଟେସନରୁ ଜୟନଗର ଏକ୍ସପ୍ରେସ ଯୋଗେ ଜସିଡିହ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହି ମଣ୍ଡଳୀ ଶ୍ରୀ ସୁମତି ଜୈନ, ସାୱରମଲ ଅଗ୍ରୱାଲ ଏବଂ ଚନ୍ଦନ ଲାଲ ଅଗ୍ରୱାଲଙ୍କ ନେତୃତ୍ୱରେ ନିଜର ଯାତ୍ରା ଆରମ୍ଭ କରୁଛନ୍ତି । ଏହାବ୍ୟତୀତ ଉମାଶଙ୍କର ସିଂଘଲ, ମହେଶ ଅଗ୍ରୱାଲ, ଆନନ୍ଦ ଶ୍ୟାମପୁରିଆ, ଅଜୟ ଅଗ୍ରୱାଲ, ପବନ ମିତ୍ତଲ, ପ୍ରଦୀପ ଶର୍ମା, ବଜରଙ୍ଗ ଗୋଏଲ, ମୁରାରୀ ଲାଲ ଚୋମାଲ, ମୋହିତ ଗୋଏଲ (ହରିୟାଣାରୁ), ରୂପେଶ ଅଗ୍ରୱାଲ, ଲକ୍ଷ୍ମଣ ଅଗ୍ରୱାଲ, କମଳ ଅଗ୍ରୱାଲ (ହାତିବାରୀରୁ), ଛୋଟୁ ଜେ.ବି. ମିକ୍ସର, ଅର୍ଜୁନ ସିଂହ, ସତ୍ୟନାରାୟଣ ଚନ୍ଦେଲ, ପ୍ରତୀକ ବେହେରା, ହନୁମାନ ପ୍ରସାଦ ଅଗ୍ରୱାଲ, ସଞ୍ଜୀବ ବାରିକ ମଧ୍ୟ ସାମିଲ ଅଛନ୍ତି । ମହିଳାମାନଙ୍କ ମଧ୍ୟରେ ଅନିତା ଅଗ୍ରୱାଲ, କାମିନୀ ଶର୍ମା, ବରଖା ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ଶଶି ଚୋମାଲ ଏବଂ ବିଳାସପୁର, ବରଗଡ଼, ବଡ଼ବିଲ, ରାଜଗାଙ୍ଗପୁର ଓ ହରିୟାଣାର କାୱଡ଼ିଆମାନେ ମଧ୍ୟ ସାମିଲ ଅଛନ୍ତି । ଏହି ମଣ୍ଡଳୀ ଗତ ୫୭ ବର୍ଷ ହେବ ଶ୍ରାବଣ ମାସରେ କାୱଡ଼ିଆ ଯାତ୍ରା କରିଆସୁଛନ୍ତି । ଏହି ସମସ୍ତେ ଜସିଡିହ ଯିବେ ଏବଂ ସେଠାରୁ ସକାଳ୩:୦୦ ଟାରେ ୩୧.୭.୨୦୨୬ (ଶୁକ୍ରବାର) ଦିନ ସୁଲତାନଗଞ୍ଜ ଯିବେ । ସେଠାରୁ ଗଙ୍ଗାଜଳ ସଂଗ୍ରହ କରି ୧୦୫ କିଲୋମିଟର ପାଦରେ ଚାଲି ଚାଲି ଯାତ୍ରା କରି ବୁଧବାର ଅର୍ଥାତ୍ ଅଗଷ୍ଟ ୫ ତାରିଖ ଦିନ ବାବା ବୈଦ୍ୟନାଥଙ୍କୁ ଜଳ ଅର୍ପଣ କରିବେ । ଏହାସହିତ ସେହିଦିନ ବାବା ବାସୁକୀନାଥଙ୍କୁ ମଧ୍ୟ ଜଳ ଅର୍ପଣ କରି ଅଗଷ୍ଟ ୬ ତାରିଖ ଗୁରୁବାର ଦିନ ମୌର୍ଯ୍ୟ ଏକ୍ସପ୍ରେସ ଯୋଗେ ଫେରି ରାଉରକେଲା ପହଚିଂବେ । କାୱଡ଼ିଆମାନଙ୍କୁ ବିଦାୟ ଦେବା ପାଇଁ ବହୁ ପରିବାରବର୍ଗ ରାଉରକେଲା ଷ୍ଟେସନରେ ପହଚିଂଥିଲେ ଏବଂ 'ଜୟ ଭୋଲେ', 'ବୋଲ ବମ ଜୟ ଶିବ ଶଙ୍କର'ର ମହାସ୍ୱରରେ ସମଗ୍ର ରାଉରକେଲା ଷ୍ଟେସନ ପରିସର ଶିବମୟ ହୋଇଉଠିଥିଲା ।

## ଜାପାନ ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୩୦/୭(ନି/ପ୍ର): ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ଜାପାନ ତତୋରି ପ୍ରଦେଶ ( ପ୍ରିଫେକ୍ଟର) ର ମୁଖ୍ୟ ଶାସନ ସଚିବ ଶ୍ରୀ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୧୩ ଜଣିଆ ପ୍ରତିନିଧି ଦଳଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ । ଏହି ବୈଠକରେ ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମାନବ ସମ୍ବଳ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି, ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ଦୀର୍ଘମିଆଦି ସହଯୋଗ ସଂପର୍କରେ ବିଭିନ୍ନ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୈଠକରେ ଯୋଗଦେଇଥିବା ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିମାନଙ୍କୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟିକ ପରମ୍ପରା ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଓଡ଼ିଶା ଓ ଜାପାନ ମଧ୍ୟରେ ଶତାବ୍ଦୀ ପୁରୁଣା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି । ଉଭୟ ଦେଶ ମଧ୍ୟରେ ବଢୁଥିବା ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ ଜାପାନର କମ୍ପାନୀମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ, ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ବିକାଶ, ନୀଳ ଅର୍ଥନୀତି କ୍ଷେତ୍ରରେ ଦୂର ଓ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସଦୁପଯୋଗକୁ ପ୍ରୋତ୍ସାହନ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ର ଆଦିରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ଓଡ଼ିଶାର ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଜାପାନର ଉନ୍ନତ ପ୍ରଯୁକ୍ତି ବିଦ୍ୟା, ନିର୍ଭୁଲ ଇଞ୍ଜିନିୟରିଂ ଓ ନବସୃଜନ କ୍ଷମତା ସହ ଓଡ଼ିଶାର ସମ୍ପଦ ଓ ସାମର୍ଥ୍ୟର ସମନ୍ୱୟ ବିଶ୍ୱସ୍ତରୀୟ ଉତ୍ପାଦନ ଓ ସ୍ଥାୟୀ ଶିଳ୍ପ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ବୈଠକରେ ଓଡ଼ିଶା ସରକାର ଓ ପ୍ରିଫେକ୍ଟର ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି( ଫ୍ରେଣ୍ଡସିପ୍ ଏଗ୍ରିମେଂଟ) ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତାବିତ ସହଯୋଗ ଅଧୀନରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବ୍ୟବସାୟ, ଉଭୟ ରାଜ୍ୟର ଦକ୍ଷ ମାନବ ସମ୍ବଳର ଆଦାନ-ପ୍ରଦାନ, ରୋଜଗାର ସୁଯୋଗ ସୃଷ୍ଟି , ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ ଏବଂ ଶିକ୍ଷାଗତ ସହଯୋଗକୁ ପ୍ରୋତ୍ସାହନ,ଉଭୟ ରାଜ୍ୟର ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରର ସୁଯୋଗ ଓ ସୂଚନା ବିନିମୟକୁ ସୁଦୃଢ଼ କରିବ । ଆଗାମୀ ନଭେମ୍ବର ମାସରେ ତତୋରି ପ୍ରଦେଶର ରାଜ୍ୟପାଳ ଓଡ଼ିଶା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା ।

## ଭୟଙ୍କର ସଡ଼କ ଦୁର୍ଘଟଣା ପରେ ସେଲ୍-ଆରଏସପି କର୍ମଚାରୀଙ୍କ ଗୋଡ଼ ବଚାଂଇଲେ ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତର



ରାଉରକେଲା,୩୦/୭(ନି/ପ୍ର): ଆପାତକାଳୀନ ଚିକିତ୍ସା କ୍ଷେତ୍ରରେ ଏକ ଅସାଧାରଣ ସଫଳତା ହାସଲ କରି ସେଲ୍, ରୋଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତରମାନେ ଜଣେ ଆରଏସପି କର୍ମଚାରୀଙ୍କ ଗୋଡ଼କୁ ସଫଳତାର ସହ ବଚାଂଇ ପାରିଛନ୍ତି । ସମ୍ପୃକ୍ତ କର୍ମଚାରୀ ଜଣକ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହାତ ହୋଇଥିଲେ । ଅକ୍ସିଜେନ୍ ପ୍ଲାଂଟର କର୍ମଚାରୀ ୫୪ ବର୍ଷର ଶ୍ରୀ ଦେହାଦଲ୍ଲୀ ସେଠୀଙ୍କ ଆଣ୍ଠୁ ପାଖରେ ଗୁରୁତର ଆଘାତ ଲାଗିଥିବା ଅବସ୍ଥାରେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲର କାଜୁଆଲଟି ବିଭାଗକୁ ନିଆଯାଇଥିଲା । ଏହି ଆଘାତ ଯୋଗୁଁ ତାଙ୍କର ମାଂସପେଶୀ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇ ହାଡ଼ ବାହାରକୁ ଦୃଶ୍ୟମାନ ହେଉଥିଲା, ଯାହାଫଳରେ ଗୋଡ଼ କାଟିବାର ଆଶଙ୍କା ଦେଖାଦେଇଥିଲା । ପହଚିଂବା ମାତ୍ରେ, କାଜୁଆଲଟି ପ୍ରଭାରୀ, ଡାକ୍ତର ଉଦୟ କିସ୍କୁଙ୍କ ତତ୍ତ୍ୱାବଧାନରେ କାଜୁଆଲଟି ଟିମ୍ ରୋଗୀଙ୍କ ଅବସ୍ଥାକୁ ତୁରନ୍ତ ସ୍ଥିର କରିଥିଲେ । ଆଘାତର ଗୁରୁତ୍ୱ କୁ ଦୃଷ୍ଟିରେ ରଖି ଗୋଡ଼ ବଚାଂଇବା ପାଇଁ ଏକ ଜରୁରୀକାଳୀନ ଶଲ୍ୟଚିକିତ୍ସା ପାଇଁ ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ତୁରନ୍ତ ଏକତ୍ରିତ ହୋଇଥିଲେ । ଏହି ଜଟିଳ ଅସ୍ତ୍ରୋପଚାର ପ୍ରକ୍ରିୟା ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏସ. କେ. ତିୱାରୀ ଏବଂ ପରାମର୍ଶଦାତା (ଅସ୍ଥିଶଲ୍ୟ) ଡାକ୍ତର ଶେଷକାନ୍ତ ରାଉତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା, ଯେଉଁଥିରେ ନର୍ସିଂ ସହାୟତା ଶ୍ରୀ କମଳାକର ଆମ୍ବାଟି ଯୋଗାଇଥିଲେ । ଡାକ୍ତର ମନୋରଞ୍ଜନ ସାମନ୍ତରାୟ ଏବଂ ଡାକ୍ତର ସି. କେ. କାଶୀଙ୍କୁ ନେଇ ଗଠିତ ଆନେସ୍ଥେସିଆ ଟିମ୍ ଅସ୍ତ୍ରୋପଚାର ସମୟରେ ନିରାପଦ ପରିଚାଳନା ସୁନିଶ୍ଚିତ କରିଥିଲେ । ସମୟୋପଯୋଗୀ ପଦକ୍ଷେପ, ସୂକ୍ଷ୍ମ ଶଲ୍ୟଚିକିତ୍ସା ଦକ୍ଷତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଉତମ ସମନ୍ୱୟ ଯୋଗୁଁ ମେଡିକାଲ ଟିମ୍ ରୋଗୀଙ୍କ କ୍ଷତିଗ୍ରସ୍ତ ଗୋଡ଼କୁ ବଚାଂଇବାରେ ସଫଳ ହୋଇଥିଲେ, ଯାହାଫଳରେ ଗୋଡ଼ କାଟିବାକୁ ପଡ଼ିନଥିଲା । ରୋଗୀ ଜଣକ ବର୍ତ୍ତମାନ ନିରନ୍ତର ମେଡିକାଲ ତତ୍ତ୍ୱାବଧାନରେ ଭଲ ଭାବରେ ଆରୋଗ୍ୟ ଲାଭ କରୁଛନ୍ତି । ଏହି ଘଟଣା ଟ୍ରମା କେୟାର କ୍ଷେତ୍ରରେ ଗୋଲଡେନ୍ ଆୱାରର ଗୁରୁତ୍ୱକୁ ପୁନର୍ବାର ଦର୍ଶାଉଛି, ଯେଉଁଠାରେ ସମୟସାପେକ୍ଷ ଚିକିତ୍ସା ଜୀବନ ଏବଂ ଅଙ୍ଗପ୍ରତ୍ୟଙ୍ଗ ବଚାଂଇବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅଭିଜ୍ଞ ବିଶେଷଜ୍ଞ, ଉନ୍ନତ ଅପରେସନ ଥିଏଟର, ଆଇସିୟୁ ସୁବିଧା , ବ୍ଲଡ୍ ବ୍ୟାଙ୍କ ସହାୟତା ଏବଂ ବ୍ୟାପକ ପୁନର୍ବାସ ସେବା ସହିତ ଇସ୍ପାତ ଜେନେରାଲ ହସ୍ପିଟାଲ କର୍ମଚାରୀ ଏବଂ ସାଧାରଣ ଜନତାଙ୍କୁ ବିଶ୍ୱସ୍ତରୀୟ ଜରୁରୀକାଳୀନ ଏବଂ ଟ୍ରମା କେୟାର ସେବା ଯୋଗାଇବା ଜାରି ରଖିଛି । ଏହି ସଫଳ ଚିକିତ୍ସା ସମୟୋପଯୋଗୀ, ଉନ୍ନତ ଏବଂ ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲ ର ପ୍ରତିବଦ୍ଧତାର ଏକ ପ୍ରମାଣ, ଯାହା ଏହି ଅଚଂଳର ଅନ୍ୟତମ ପ୍ରମୁଖ ଟ୍ରମା କେୟାର ସେଟଂର ଭାବରେ ଏହାର ସ୍ଥାନକୁ ପୁନଃପ୍ରତିଷ୍ଠିତ କରୁଛି ।